ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.52 Bhubaneswar Saturday, April 02, 2022 | ୨୫ତମ ବର୍ଷ ସଂଖ୍ୟା-୫୨ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଦୋଷ ମାନିଲେ ଶର୍ମିଷ୍ଠା, କିନ୍ତୁ କାହିଁକି ମାରିଲେ କହିଲେନି !

ଭୁବନେଶ୍ୱର, ୧ ।୪(ପି.ଏନ): ଅପହରଣ କଲେ। ମାରିଦେଲେ। ପୋତିଦେଲେ। ଏସବୁ କଥା ମାନିଲେ। ହେଲେ କାରଣ କହିଲେନି ! ବହୁ ଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଦୋଷ ସ୍ୱୀକାର କରି ପୂରା କାହାଣୀ ବର୍ଣ୍ଣନା କରିଥିବା କ୍ରାଇମବ୍ରାଞ୍ଚ ସୂଚନା ଦେଇଛି। କିନ୍ତୁ ଏହି ତଦନ୍ତକାରୀ ସଂସ୍ଥା ଜାରି କରିଥିବା ପ୍ରେସ୍ ?ରିଲିଜ୍ ?ରେ ହତ୍ୟାକାଣ୍ଡ ପଛରେ ରହିଥିବା କାରଣ ସମ୍ପର୍କରେ ପଦୁଟିଏ ଲେଖିନି। ପ୍ରଶ୍ନ ଉଠୁଛି, ଜଣେ ଅଭିଯୁକ୍ତ ଦୋଷ ମାନିଥିବା ବେଳେ କାହିଁକି ଏଭଳି କାଣ୍ଡ କଲେ, ତାହା କ'ଣ କହିଲେ ନାହିଁ ? ନା ଏମିତି କିଛି କାରଣ କହିଛନ୍ତି, ଯାହା କ୍ରାଇମବ୍ରାଞ୍ଚକୁ ବି ଅଡୁଆରେ ପକାଇଛି ?କ୍ରାଇମବ୍ରାଞ୍ଚର ସୂଚନା ଅନୁଯାୟୀ, ଜେରା ବେଳେ ଶର୍ମିଷ୍ଠା କହିଥିଲେ ଯେ ଫେବ୍ରୁଆରୀ ୭ ତାରିଖରେ ରଞ୍ଜନ ନାଏକ, ଝୁନା ଭୋଇ, ଭାଗ୍ୟଧର ନାୟକ ଓ ନିଲୁ ଓରଫ ବିବେକ ସହିତ ମିଶି ସେ ତାଙ୍କ କାରରେ ମାନସ ସ୍ୱାଇଁଙ୍କୁ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ପଳାସପୁରରୁ ଅପହରଣ କରିଥିଲେ। ସେମାନେ ମାନସଙ୍କୁ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଦୟାଲ ଆଶ୍ରମକୁ ଆଣିଥିଲେ। ମଧ୍ୟାହ୍ନ ସୁଦ୍ଧା ସେମାନେ ଦୟାଲ ଆଶ୍ରମରେ ପହଞ୍ଚି ଯାଇଥିଲେ। ସେମାନେ ଆଶ୍ରମରେ ମାନସଙ୍କୁ ନିସ୍ତୁକ ପିଟିଥିଲେ। ମାନସଙ୍କ ମୃତ୍ୟୁ ହୋଇଯିବା ପରେ ୮ ତାରିଖ ଅପରାହ୍ଣରେ ତାଙ୍କ (ଶର୍ମିଷ୍ଠାଙ୍କ) କାରରେ ମୃତଦେହକୁ





ନୟାଗଡ ଜିଲ୍ଲା ରଣପୁର ଥାନା ଅଞ୍ଚଳକୁ ନେଇଥିଲେ। ସେଠାରେ ସେଦିନ ସନ୍ଧ୍ୟାରେ ମୃତଦେହକୁ ପୋତି ଦେଇଥିଲେ। ମୃତଦେହକୁ ପୋତିବା ପରେ ସେମାନେ ଚଣ୍ଡିଖୋଲ ଯାଇ ସେଠାରୁ ଦୁଇ କିଲୋମିଟର ଦୂରରେ ଦଇତାରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେ ପାଖରେ ମୃତଦେହକୁ ପୋତିବା ପାଇଁ ଗାତ ଖୋଳିବାକୁ ବ୍ୟବହାର କରାଯାଇଥିବା ଗଇଁତି, ଫାଉଡା ସହିତ ଏକ ଅଖା ଓ ଶା? ଫୋପାଡି ଦେଇଥିଲେ।ହତ୍ୟା ପରେ ଝୁନା ଭୋଇଙ୍କ ସହିତ ଶର୍ମିଷ୍ଠା ଭୁବନେଶ୍ୱର ଏକ ନମ୍ବର ମାର୍କେଟକୁ ଯାଇ ଅଖା, ଗ୍ଲୋବ୍ସ ଓ ସୁତୁଲି କିଣିଥିଲେ। ନୟାଗଡ ଅଭିମୁଖେ ଯାଉଥିବା ବେଳେ ରାଜସୁନାଖଳାରୁ ୧୦ କେଜି ଲୁଣ କିଣିଥିଲେ। ସେହିପରି ଶର୍ମିଷ୍ଠାଙ୍କ ସହଯୋଗୀ ଭାଗ୍ୟଧର ନାୟକ ଓ ରଞ୍ଜନ ରାଜସୁନାଖଳାରୁ କୋଦାଳ ଏବଂ ଗଇଁତି କିଣିଥିଲେ। ଏହା ପରେ ମୃତଦେହକୁ ପୋତିବା ପାଇଁ ସ୍ଥାନ ସ୍ଥିର କରିଥିଲା। ନିଷ୍ପତ୍ତି ଅନୁସାରେ ଭାଗ୍ୟଧର ନାୟକଙ୍କ ଗାଁ ରଣପୁର ଥାନା ବଧିପାଟଣାଠାରୁ ଦୁଇରୁ ତିନି କିମି ଦୂରରେ ମାନସଙ୍କ ମୃତଦେହ ପୋତି ଦେଇଥିଲେ ।ଆଜି ଶର୍ମିଷ୍ଠାଙ୍କୁ ନେଇ ସିନ୍ ରିକ୍ରିଏସନ୍ କରିଥିଲା କ୍ରାଇମବ୍ରାଞ୍ଚ। ଡିଏସ୍ ?ପି କଳ୍ପନା ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ସ୍ୱତନ୍ତ୍ର ଟିମ୍ ଶର୍ମିଷ୍ଠାଙ୍କୁ ନେଇ ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅନ୍ତର୍ଗତ ପଳାସପୁର ଗାଁକୁ ଯାଇଥିଲା। ଫେବ୍ରୁଆରୀ ୬ ତାରିଖରେ ଶର୍ମିଷ୍ଠା ଅନ୍ୟ ଅଭିଯୁକ୍ତମାନଙ୍କ ସହିତ କେଉଁ ରାସ୍ତା ଦେଇ ପଳାସପୁର ଗାଁରେ ରାତିରେ ପହଞ୍ଚିଥିଲେ, ୭ ତାରିଖ ସକାଳ ପର୍ଯ୍ୟନ୍ତ କେଉଁଠି ଅପେକ୍ଷା କରିଥିଲେ ଓ ମାନସଙ୍କୁ କେମିତି ଅପହରଣ କରିଥିଲେ, ତାହା ଦେଖାଇଥିଲେ ଓ ବର୍ଣ୍ଣନା କରିଥିଲେ। ସେହିପରି ଶର୍ମିଷ୍ଠାଙ୍କୁ ଭୁବନେଶ୍ୱର ସ୍ଥିତ ଦୟାଲ ଆଶ୍ରମ ନିଆଯାଇ ସିନ୍ ରିକ୍ରିଏସନ୍ କରାଯାଇଥିଲା। ତା'ପରେ ତାଙ୍କୁ ନୟାଗଡର ସେହି ସ୍ଥାନକୁ ନିଆଯାଇଥିଲା, ଯେଉଁଠି ମାନସଙ୍କ ମୃତଦେହକୁ ପୋତା ଯାଇଥିଲା।

## 'ପିନାକୀ ମିଶ୍ର ସର୍ବସାଧାରଣରେ କ୍ଷମା ନମାଗିଲେ ପଚା ଅଣ୍ଡା ମାଡ କରିବୁ'

ପୁରୀ ୧ ।୪(ପି.ଏନ): "ପିନାକୀ ମିଶ୍ର ପୁରୀ ଆସି ସର୍ବସାଧାରଣରେ କ୍ଷମା ମାଗନ୍ତୁ। ସେ କ୍ଷମା ନମାଗିଲେ ପଚା ଅଣ୍ଡା ମାଡ କରିବୁ।" ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ ପକ୍ଷରୁ ଆଜି ଏପରି ଚେତାବନୀ ଦିଆଯାଇଛି। ଏଥିସହ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପୁରୀ ସାଂସଦ ପିନାକୀ ମିଶ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି ।ଏଥିସହ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ହସ୍ତକ୍ଷେପ ଲୋଡିଥିଲେ। ଏହାର ଜବାବରେ ବିଜେଡି ସାଂସଦ ପିନାକୀ ମିଶ୍ର କହିଥିଲେ, ଶ୍ରୀମନ୍ଦିର ପାଖରେ କେବଳ ୪ଟି ଶୌଚାଳୟ ନିର୍ମାଣ କରାଯାଉଛି। ଏହାଦ୍ୱାରା ମନ୍ଦିରର ସୁରକ୍ଷା ପ୍ରତି କୌଣସି ବିପଦ ନାହିଁ।ପୁରୀ ସାଂସଦ ଶ୍ରୀ ମିଶ୍ରଙ୍କ ଏପରି ବୟାନକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସାଂସଦଙ୍କ ଏପରି ମନ୍ତବ୍ୟ ଶ୍ରୀମନ୍ଦିର ଐତିହ୍ୟ କରିଡର ପାଇଁ ଭିଟାମାଟି ହରେଇଥିବା ଲୋକମାନଙ୍କୁ ଅପମାନିତ କରିଛି ବୋଲି ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚ କହିଛି। ଏହା ପୁରୀ ସହରବାସୀଙ୍କୁ ମଧ୍ୟ ଅପମାନିତ କରିଛି ।ଶ୍ରୀକ୍ଷେତ୍ର ସୁରକ୍ଷା ମିଳିତ ମଞ୍ଚର ଆବାହକ ପ୍ରସନ୍ନ କୁମାର ଦାଶ କହିଛନ୍ତି, ପିନାକୀ ମିଶ୍ର ପବିତ୍ର ସଂସଦରେ ମିଛ କଥା କହିଛନ୍ତି। ପୁରୀ ଲୋକଙ୍କ ଭିଟାମାଟିକୁ ଛଡାଇ, ସେଠାରେ ୩୨୦୦ କୋଟି ଟଙ୍କାରେ ପାଇଖାନା ତିଆରି ହେଉଛି ବୋଲି ସେ କହିଛନ୍ତି। ସାଂସଦଙ୍କ ଏପରି ବକ୍ତବ୍ୟକୁ ଆମେ ବିରୋଧ କରୁଛୁ। ସେଥିପାଇଁ



ତାଙ୍କ କୁଶପୁତ୍ତଳିକା ଦାହ କରିଛୁ। ପିନାକୀ ମିଶ୍ର ପୁରୀ ଆସି ସର୍ବସାଧାରଣ କ୍ଷମା ମାଗନ୍ତୁ। ନହେଲେ ତାଙ୍କୁ ପୁରୀକୁ ପ୍ରବେଶ କରିବାକୁ ଦେବୁନାହିଁ। ସେ କ୍ଷମା ନମାଗିଲେ, ଭବିଷ୍ୟତରେ ତାଙ୍କ ଉପରେ ପଚା ଅଣ୍ଡା ମାଡ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।ସେ ଆହୁରି କହିଛନ୍ତି, "ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁସାରେ ସେଠାରେ ରଘୁନନ୍ଦନ ଲାଇବ୍ରେରୀ, ଯାତ୍ରୀ ବିଶ୍ରାମାଗାର, ସେବାୟତ ବିଶ୍ରାମାଗାର, ଭଜନ ମଣ୍ଡପ ଇତ୍ୟାଦି ହେବାର ଥିଲା। ଯାହା ନକ୍ସାରେ ମଧ୍ୟ ରହିଛି। ହେଲେ ମାନ୍ୟବର ସାଂସଦ ୪ଟି ପାଇଖାନା କରାଯାଉଥିବା କଥା କହୁଛନ୍ତି। ସେ ଏହି ତଥ୍ୟ କେଉଁଠୁ ପାଇଲେ ? ସେ କଥା ଆମେ ଜାଣିପାରୁନାହୁଁ। ଏଥିରୁ ଯାହା ଜଣାପଡୁଛି, ସାଂସଦଙ୍କ ମତିଭ୍ରମ ହୋଇଛି କିମ୍ବା ସରକାରଙ୍କୁ ବଞ୍ଚାଇବା ପାଇଁ ସେ ଏପରି ମିଥ୍ୟ କଥା କହିଥାଇପାରନ୍ତି। ଯଦି ସେ ମିଛ କହିଛନ୍ତି, ତାହାହେଲେ ସଂସଦ ଇସ୍ତଫା ଦିଅନ୍ତୁ। ନହେଲେ ଯଦି ରାଜ୍ୟ ସରକାର ଆମକୁ ଭୁଆଁ ବୁଲାଇବା ପାଇଁ ମିଛ କହିଛନ୍ତି, ତାହାହେଲେ ରାଜ୍ୟ ସରକାର ଗାଦି ଛାଡିବା ଦରକାର। ଯଦି ପାଇଖାନା ତିଆରି ହେଉଛି ବୋଲି ବିଶ୍ୱାସ କରିବା, ତାହାହେଲେ ୩୦ ଏମ୍ଏମ୍ ରଡ୍ ?ରେ ୩୦ ଫୁଟ୍ ତଳୁ ନିଅଁ ଖୋଳାଯାଇ କେଉଁ ପ୍ରକାର ପାଇଖାନା ତିଆରି ହେଉଛି ମାନ୍ୟବାର ସାଂସଦ ପୁରୀ ଆସି ଆମକୁ କହିଯାଆନ୍ତୁ।"

## ଆଉ ୬ ମାସ ପାଇଁ ହିତାଧିକାରୀଙ୍କୁ ମିଳିବ ଅତିରିକ୍ତ ମାଗଣା ଚାଉଳ : ମୁଖ୍ୟମନ୍ତ୍ରୀ ଦେଲେ ନିର୍ଦ୍ଦେଶ

ଭୁବନେଶ୍ୱର, ୧ ।୪(ପି.ଏନ): ଆଉ ୬ ମାସ ପାଇଁ ହିତାଧିକାରୀଙ୍କୁ ଅତିରିକ୍ତ ମାଗଣା ଚାଉଳ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି । ଏହାଫଳରେ ଏପ୍ରିଲରୁ ସେପ୍ଟେମ୍ବର ମାସ ଯାଏଁ ହିତାଧିକାରୀଙ୍କୁ ମାଗଣା ଚାଉଳ ମିଳିବ। ଏଥିରେ ରାଜ୍ୟର ୮.୦୯ ଲକ୍ଷ ହିତାଧିକାରୀ ଉପକୃତ ହେବେ ବୋଲି ଜଣାଯାଇଛି। ଏହା ବାବଦରେ ୯୧.୭୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣା ପଡିଛି । ମିଳିଥିବା ସୂଚନା ଅନୁସାରେ ଆସନ୍ତା ୬ମାସ ପାଇଁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ମାଗଣାରେ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ମାଗଣାରେ ବଣ୍ଟନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ପ୍ରତ୍ୟେକ ହିତାଧିକାରୀ ଏପ୍ରିଲ ୨୦୨୨ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ମାସିକ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପାଇବେ। ଏଥିପାଇଁ ୨୪,୨୭୦ଟନ୍ ଚାଉଳ ପ୍ରଦାନ କରାଯିବ। ଏଥିଲାଗି ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୯୧.୭୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅନୁଯାୟୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନାମ ଲେଖାଇଥିବା ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ ।

## ତତଲା କଡେଇରେ ଟିଟିଲାଗଡ, ୪୩.୪° ତାପମାତ୍ରା ରେକର୍ଡ

ଭୁବନେଶ୍ୱର, ୧ ।୪(ପି.ଏନ): ତାତି କମିବାରୁ ଉପକୂଳ ଓଡିଶାବାସୀ ସାମାନ୍ୟ ଆଶ୍ୱସ୍ତି ଅନୁଭବ କରୁଥିବା ବେଳେ ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାବାସୀ ଡହଡହ ଖରାରେ ସିଝୁଛନ୍ତି। ବିଶେଷ କରି ଟିଟିଲାଗଡ଼ରେ ନିଆଁ ବର୍ଷା ହେଉଛି। ଶୁକ୍ରବାର ଟିଟିଲାଗଡ଼ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଛି। ୮ଟି ସହର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।ଆଂଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ବାଲେଶ୍ୱରରେ ୩୬.୦ ଡିଗ୍ରୀ, ଚାନ୍ଦବାଲିରେ ୩୬.୦ ଡିଗ୍ରୀ, କଟକରେ ୩୩.୬ ଡିଗ୍ରୀ, ପାରାଦୀପରେ ୩୨.୧ ଡିଗ୍ରୀ, ଭୁବନେଶ୍ୱରରେ ୩୪.୫ ଡିଗ୍ରୀ, ଗୋପାଳପୁରରେ ୨୯.୭ ଡିଗ୍ରୀ, ପୁରୀରେ ୩୨.୪ ଡିଗ୍ରୀ, ଅନୁଗୋଳରେ ୩୮.୧ ଡିଗ୍ରୀ ଓ ଯାଜପୁରରେ ୩୭.୦ ଡିଗ୍ରୀ ସେଲ୍ସିୟସ୍ ରେକର୍ଡ କରାଯାଇଛି।

## ବିଜେପି ଛାଡିଲେ ଜୟରାମ ପାଙ୍ଗି

ଭୁବନେଶ୍ୱର, ୧ ।୪(ପି.ଏନ): ପୂର୍ବତନ ସାଂସଦ ଜୟରାମ ପାଙ୍ଗି ବିଜେପି ଦଳରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ଦିନ କୋଟିଆରେ ଉତ୍କଳ ଦିବସ ପାଳନ ଅବସରରେ ସେ ନିଜର ଇସ୍ତଫା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇଛନ୍ତି । ତେବେ ଆଗାମୀ ଦିନରେ କେଉଁ ଦଳରେ ସାମିଲ ହେବେ ସେ ସମ୍ପର୍କରେ ସ୍ପଷ୍ଟ କରିନାହାନ୍ତି ପାଙ୍ଗି ।ସେ କହିଛନ୍ତି ଯେ ଲୋକଙ୍କ ସହ ରହି ଅଂଚଳର ବିକାଶ ଦିଗରେ କାମ କରିବି । ଅବିଭକ୍ତ କୋରାପୁଟ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ରାଜ୍ୟର ସୀମାନ୍ତ ଅଂଚଳକୁ ନେଇ ଦଣ୍ଡକାରଣ୍ୟ ପାର୍ବତ୍ୟମାଳା ବିକାଶ ପରିଷଦ ନାମରେ ସଂଗଠନ ଗଢିଛନ୍ତି। ଏହି ସଂଗଠନରେ ଓଡିଶା, ଛତିଶଗଡ, ଆନ୍ଧ୍ର ତିନୋଟି ରାଜ୍ୟର ପ୍ରମୁଖ ବ୍ୟକ୍ତିମାନେ ବିଭିନ୍ନ ପଦ ପଦବିରେ ରହିଛନ୍ତି ।

## କିଟ୍ ଓ କିସ୍‌ରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର, ୧ ।୪(ପି.ଏନ): କିଟ୍ ଓ କିସ୍‌ରେ ଶୁକ୍ରବାର ଉତ୍କଳ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କିଟ୍ ବିଶ୍ୱବିଦ୍ୟାଳୟ କିମ୍ସର ଉପକୁଳପତି ପ୍ରଫେସର ଡା. ସିବିକେ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଉତ୍କଳର ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ। ଯେଉଁ ମହାପୁରୁଷମାନଙ୍କ ତ୍ୟାଗ, ନିଷ୍ଠା ଓ ସଂଗ୍ରାମ ବଳରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେଲା, ସେମାନଙ୍କ ପ୍ରତି ଉପସ୍ଥିତ କିଟ୍, କିସ୍ ଓ କିମ୍ସର କର୍ମଚାରୀମାନେ




ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରେ ଓଡ଼ିଶାର ସଂସ୍କୃତି, ପରମ୍ପରା, ଶିକ୍ଷା ଓ ସାହିତ୍ୟ ସର୍ବୋପରି ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ କିଟ୍ ଓ କିସ୍‌ର ଅବଦାନ ସମ୍ପର୍କରେ ଅତିଥିମାନେ କହିଥିଲେ। ଓଡ଼ିଶାକୁ ଆହୁରି ଉଚ୍ଚକୁ ନେବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ହେବାପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମବେତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସ : ୨୦୩୬ରେ ଓଡିଶା ଶ୍ରେଷ୍ଠ ରାଜ୍ୟ ଭାବରେ ସାରା ଦେଶକୁ ମାର୍ଗ ଦର୍ଶନ କରିବ :ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧ ।୪(ପି.ଏନ): ଓଡିଶା ଆମର ମା' । ଆମ ଓଡିଆ ଜାତି ହେଉଛି ଗୋଟିଏ ବିରାଟ ପରିବାର । ନିଜ ପରିବାରର ଉନ୍ନତି ପରି, ଓଡିଆ ଜାତିର ଉନ୍ନତି ପାଇଁ ସମସ୍ତେ ମିଶି ଉଦ୍ୟମ କଲେ ନୂଆ ଓଡିଶାର ସ୍ୱପ୍ନ ପୂରଣ ହୋଇପାରିବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଂଧ୍ୟାରେ ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ଓଡିଶା ଦିବସ ସମାରୋହକୁ ଉଦଘାଟନ କରି ଏହା କହିଛନ୍ତି । ଭର୍ଚୁଆଲ ପ୍ଲାଟଫର୍ମରେ ଉଦ୍‌ଘାଟିତ ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ତଥା ବିଶ୍ୱର ବିଭିନ୍ନ ସ୍ଥାନରେ ଥିବା ଓଡିଆ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ସେ ଓଡିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲିକୋଟ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ପଣ୍ଡିତ ଗୋଦାବରୀଶ ମିଶ୍ର, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେରଙ୍କ ପରି ବରପୁତ୍ରମାନଙ୍କ ତ୍ୟାଗ ଓ ସଂଗ୍ରାମ ଯୋଗୁ ସ୍ୱତନ୍ତ୍ର ଓଡିଶାର ସ୍ୱପ୍ନ ସଫଳ ହୋଇପାରିଥିଲା । ଓଡିଆ ଭାଷା, ସାହିତ୍ୟ, ନୃତ୍ୟ, ସଂଗୀତ ଓ କଳାକୁ ଯେଉଁମାନେ ସମୃଦ୍ଧ କରିଯାଇଛନ୍ତି ସେମାନଙ୍କ ପ୍ରତି ମୋର ସମ୍ମାନ ଜଣାଉଛି ବୋଲି ସେ କହିଥିଲେ। ଆଉ ୧୪ ବର୍ଷ ପରେ ଓଡିଶା ଶହେ ବର୍ଷ ପୂରଣ କରିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାରା ଓଡିଶା ଏବେ ଏକ ମନ, ଏକ ପ୍ରାଣ ହୋଇ ଗୋଟିଏ ଲକ୍ଷ୍ୟରେ ଆଗକୁ ଯିବା ପାଇଁ ନିଷ୍ପତି ନେଇଛି । ଆଜି ସାରା ଓଡିଶାର ସ୍ୱର ଦୃଢ ହୋଇଛି। ୨୦୩୬ରେ ଓଡିଶା ଶ୍ରେଷ୍ଠ ରାଜ୍ୟ ଭାବରେ ସାରା ଦେଶକୁ ମାର୍ଗ ଦର୍ଶନ କରିବ ବୋଲି ସେ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ ।ଓଡିଶାର ସାଂସ୍କୃତିକ ବିବିଧତାର ପ୍ରଶଂସା କରି ସେ କହିଥିଲେ ଯେ ଏହା ଆମର ସବୁଠାରୁ ବଡ ପରିଚୟ । ଗାନ୍ଧୀଜୀଙ୍କ ପରଶମଣି ଆମ ଶାସନର ମୂଳମନ୍ତ୍ର ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସବୁଠାରୁ ଗରିବ ଲୋକକୁ ସେବା ଯୋଗାଇଦେବା ଆମର ସବୁ କାର୍ଯ୍ୟକ୍ରମର ଲକ୍ଷ୍ୟ । ଗରିବ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦେବାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ସାରା ଦେଶ ପାଇଁ ମଡେଲ ହୋଇଛି । ମା'ମାନଙ୍କୁ ସେମାନଙ୍କ ଅଧିକାର ଦେବାରେ ମଧ୍ୟ ଆମେ ସଫଳ ହୋଇଛୁ । ଆଜି ସାରା ଦେଶରେ ମା'ମାନଙ୍କୁ ରାଜନୈତିକ ଅଧିକାର ଦେବା ପାଇଁ ସ୍ୱର ଉଠୁଥିବା ବେଳେ, ଓଡିଶାରେ ଏହା ଆମେ କରିକି ଦେଖାଇଛୁ । ଗରିବୀ କମିବା ସହିତ ବେକାରୀ କମ କରିବାରେ ଓଡିଶା ଆଜି ସାରା ଦେଶରେ ସବୁଠାରୁ ଭଲ କାମ କରିଛି ବୋଲି ସେ ପ୍ରକାଶ କରିଥିଲେ । ଯୁବ ସମାଜ ଉପରେ ଆସ୍ଥାପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଓଡିଶାର ପୁଅ, ଝିଅମାନଙ୍କ ମଧ୍ୟରେ ଭରସା ଓ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି । ନିଜର, ନିଜ ପରିବାରର ଓ ଓଡିଶା ମା'ର ଗୌରବ ବୃଦ୍ଧି କରିବା ପାଇଁ ସେମାନେ ଉଦ୍ୟମ ଜାରି ରଖିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, ବିଜ୍ଞାନ ଓ ପ୍ରଯୁକ୍ତି, ଶିଳ୍ପ ସବୁ କ୍ଷେତ୍ରରେ ଓଡିଆ ପୁଅଝିଅମାନେ ସୁନାମ କରୁଛନ୍ତି। ଆମର ଯୁବ ସମାଜ ହେଉଛି ଆମର ସମ୍ପଦ । ସେମାନଙ୍କ ସହଯୋଗରେ, ଓଡିଶା ଆହୁରି ଆଗକୁ ଯିବ, ଏ ବିଶ୍ୱାସ ମୋର ରହିଛି ବୋଲି କହିଥିଲେ ।ଏହି ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସଭାପତିତ୍ୱ କରି କହିଲେ ଯେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଓଡ଼ିଆ ଜାତିକୁ ଦୀର୍ଘକାଳ ଧରି ଆନ୍ଦୋଳନ କରିବାକୁ ପଡ଼ିଛି । ଅଗଣିତ ଓଡ଼ିଆଙ୍କ ନିରବଚ୍ଛିନ୍ନ ସଂଗ୍ରାମ, ଓଡ଼ିଆ ଜନନୀଙ୍କ ପ୍ରଥିତଯଶା ମହାମନୀଷୀମାନଙ୍କ ନିଃସ୍ୱାର୍ଥପର ନେତୃତ୍ୱ, ଚରମ ତ୍ୟାଗ ଓ ସାଧନାର ଫଳସ୍ୱରୂପ ୧୯୩୬ ଅପ୍ରେଲ ୧ ତାରିଖରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉତ୍ସବରେ ଯୋଗଦେଇ କହିଲେ ଯେ ଏକଦା କଳା, ସଂସ୍କୃତି, ଭାଷା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ ତଥା ସାମରିକ ପରମ୍ପରା ପାଇଁ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ପରେ ଏହାକୁ ଖଣ୍ଡବିଖଣ୍ଡିତ କରି ବାଣ୍ଟିଦେବାକୁ ହୀନ ଉଦ୍ୟମ କରାଯାଇଥିଲା । ତେବେ ଏ ଜାତିର ବହୁ ବରପୁତ୍ରଙ୍କ ଦ୍ୱାରା ଏକ ଦୁର୍ବାର ଆନ୍ଦୋଳନ ସଂଗଠିତ ହୋଇ ମାତୃଭୂମି ଓ ମାତୃଭାଷାର ସୁରକ୍ଷା କରାଯାଇଥିଲା । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ ଓଡ଼ିଆ ଜାତିର ଗୌରବମୟ ଗାଥା ଅବିସ୍ମରଣୀୟ । ଓଡ଼ିଶା ପ୍ରଦେଶ ତା'ର ୮୭ତମ ପୂର୍ତ୍ତି ଅବସରରେ ସମୃଦ୍ଧି ଓ ବିକାଶର ପଥରେ ଦ୍ରୁତ ଧାବମାନ ହୋଇପାରିଛି । ସମ୍ମାନିତ ଅତିଥି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଉତ୍କଳଗୌରବ ମଧୁସୂଦନ ଦାସ, କୃଷ୍ଣଚନ୍ଦ୍ର ଗଜପତି, ଉତ୍କଳମଣି ଗୋପବନ୍ଧୁ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବ୍ୟାସକବି ଫକୀର ମୋହନ ଆଦି ଅନେକ ବରପୁତ୍ରଙ୍କ ଅତୁଳନୀୟ ଅବଦାନ ସଂପର୍କରେ ଉଲ୍ଲେଖ କରିଥିଲେ । ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତର) ବିଧାୟକ ସୁଶାନ୍ତ କୁମାର ରାଉତ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଡ. ଲେନିନ୍ ମହାନ୍ତି ଓଡ଼ିଶାର ଗରିମାମୟ ଐତିହ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ପୂର୍ବରୁ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମାନ୍ୟବର ରାଷ୍ଟ୍ରପତି, ମାନ୍ୟବର ଉପରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରେରିତ ବାର୍ତ୍ତା ପଠନପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ସଂଖ୍ୟାର ଉନ୍ମୋଚନ ସହ 'ଆମେ ଓଡ଼ିଆ' ସ୍ମାରକୀ ଗ୍ରନ୍ଥର ନବମ ଭାଗ ଲୋକାର୍ପିତ ହୋଇଥିଲା । ସମସ୍ତ ଜିଲ୍ଲାରୁ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଚୟନ ହୋଇ ଆସିଥିବା ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଚିକିତ୍ସାସେବା କ୍ଷେତ୍ରରେ ଦଶଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଉତ୍ସବ ପ୍ରାରମ୍ଭରେ ଉତ୍କଳ ଜନନୀଙ୍କୁ ପୁଷ୍ପଗୁଚ୍ଛ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନପୂର୍ବକ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ ହୋଇଥିଲା ଏବଂ ପୋଲିସବ୍ୟାଣ୍ଡ ଓଡ଼ିଆ ଦେଶାତ୍ମବୋଧକ ସଂଗୀତ ଧୁନ୍ ପରିବେଷଣ କରିଥିଲେ । ସଭା ପରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ, ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗ ଓ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୨ ସମାରୋହରେ ପାଳିତ ହୋଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପୂର୍ବାହ୍ନରେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବାଲୁକା ସ୍ଥପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକା କଳାକୃତି ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀକୁ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରିଥିଲେ ।

## ଲାଇଭ୍ ଷ୍ଟ୍ରିମିଂ ଜରିଆରେ ପରୀକ୍ଷା ପେ ଚର୍ଚ୍ଚା ଦେଖିଲେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧ ।୪(ପି.ଏନ): ଡିଜିଟାଲ୍ ପ୍ଲାଟଫର୍ମରେ ଲାଇଭ୍ ଷ୍ଟ୍ରିମିଂ ଜରିଆରେ ପରୀକ୍ଷା ପେ ଚର୍ଚ୍ଚା ଲାଇଭ୍ ଇଂଟରାକେସନ୍ ଅଧିବେଶନ ଦେଖିବା ପାଇଁ କ୍ୟାପିଟାଲ୍ ହାଇସ୍କୁଲ୍, ୟୁନିଟ୍-୩ ,ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ, ଛାତ୍ର ଏବଂ ସେମାନଙ୍କର ସମ୍ପୃକ୍ତ ପିତାମାତା ଅଂଶଗ୍ରହଣ କରିଥିଲେ ଏବଂ ଏକ ସକରାତ୍ମକ ପ୍ରତିକ୍ରିୟା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଏବଂ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା, ଅନୁପମ ସାହା ଏବଂ ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତାମାନେ ମଧ୍ୟ ଉପସ୍ଥିତ ଥିଲେ ।ଇଂଟରାକ୍ଟିଭ୍ ଇଭେଂଟର ଏହି ନୂତନ ସଂସ୍କରଣର ଏଜେଣ୍ଡା ଥିଲା ଜାତୀୟ ଶିକ୍ଷା ନୀତି ୨୦୨୨, ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଭୂମିକା, ପରିବର୍ତନ ଏବଂ ନୂତନ ଚିନ୍ତାଧାରା କିମ୍ବା ପରୀକ୍ଷଣ ପାଇଁ ପ୍ରବର୍ତ୍ତିତ ପଦ୍ଧତି ଉପରେ ବିସ୍ତୃତ ଆଲୋଚନା । ଏହା ପ୍ରି-ପରୀକ୍ଷଣ ଚାପ, ଚାପମୁକ୍ତ ପରୀକ୍ଷା ପରି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ମଧ୍ୟ ସ୍ପର୍ଶ କରିଥିଲା । ପରୀକ୍ଷା ପେ ଚର୍ଚ୍ଚା ହେଉଛି ଏକ ବାର୍ଷିକ କାର୍ଯ୍ୟକ୍ରମ ଯାହାକି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ, ନୂଆଦିଲ୍ଲୀ ଦ୍ୱାରା ପ୍ରତିବର୍ଷ ଆୟୋଜିତ ହୋଇଥାଏ । ଏହି ରୋମାଞ୍ଚକର କାର୍ଯ୍ୟକ୍ରମ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଛାତ୍ର, ଶିକ୍ଷକ ଏବଂ ଅଭିଭାବକମାନଙ୍କ ସହିତ ପାରସ୍ପରିକ କଥାବାର୍ତା ଉପରେ ପର୍ଯ୍ୟବେସିତ । ଏହି ଜୀବନ୍ତ ପାରସ୍ପରିକ କଥାବାର୍ତାର ଉଦ୍ଦେଶ୍ୟ ହେଉଛି ପରୀକ୍ଷା ପରିସ୍ଥିତି ଏବଂ ଛାତ୍ରମାନଙ୍କ ପ୍ରସ୍ତୁତି ରଣନୀତି ବିଷୟରେ ଆଲୋଚନା କରିବା ଏବଂ ଅଭିଭାବକମାନଙ୍କ ସହିତ ପରୀକ୍ଷା ପାଇଁ ମୂଲ୍ୟବାନ ଟିପ୍ସ ଏବଂ ପରାମର୍ଶ ଦେବା, ପରୀକ୍ଷା ସମୟରେ ନିଜ ପିଲାମାନଙ୍କ ପାଇଁ ଚାପମୁକ୍ତ ପରିବେଶ ନିଶ୍ଚିତ କରିବାକୁ ପିତାମାତାଙ୍କ ସହିତ ଫଳପ୍ରଦ ପରାମର୍ଶ ଦେବା ।ପରୀକ୍ଷା ପେ ଚର୍ଚ୍ଚା ପଂଚମ ସଂସ୍କରଣ ୧ ଏପ୍ରିଲ ୨୦୨୨ ରେ ନୂଆଦିଲ୍ଲୀର ତାଲକୋଟାର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା । ଏହି ଲାଇଭ୍ ଇଭେଂଟଟି ଓଡିଶାର ବିଭିନ୍ନ ବିଦ୍ୟାଳୟରେ ପିଲାମାନେ ଟିଭି ଚାନେଲ ମାଧ୍ୟମରେ ଦେଖିଥିଲେ ।








# ଟି ଟାଇମ୍

# ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଜାଗ ଓଡ଼ିଆ





ଭାଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା । କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅସୁରକ୍ଷିତ ସ୍ଥିତି ନେଇ ଆମେ ସଦନରେ ବା ମିଡ଼ିଆରେ ବ୍ୟସ୍ତବିବ୍ରତ । ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ । କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖିଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି । କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି । ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମଗ୍ନ ଯେ ଓଡ଼ିଆକୁ ନାକ ଟେକନ୍ତି । ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ । ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟଙ୍କୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ । ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ । ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖୁଛୁ ବୁଝୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ । ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ । ଯେଉଁମାନେ ଶିକ୍ଷକ, ସେମାନେ ଅଜ୍ଞମାନଙ୍କୁ ବିଗ୍‌ଦର୍ଶନ ଦିଅନ୍ତୁ । ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ । ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି । ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ । ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ । କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରମ୍ପରାଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ । ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ । ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ । ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି । ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢ଼ୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ । ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ । ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି । ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ । ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ । କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ । ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା । ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା । ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ । ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା ।

**ସତ୍ୟ ମହାପାତ୍ର**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ: ୯୬୫୮୧୦୫୫୩୨

## ଚିତ୍ରଶିଳ୍ପୀ ହିମାଂଶୁ ଦାସଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଚିତ୍ରକଳା କ୍ଷେତ୍ରରେ ଜଣେ ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀ ଭାବେ ହିମାଂଶୁ କୁମାର ଦାସଙ୍କୁ କଟକର ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନିସ୍ଫୁଲିଙ୍ଗ ଏବଂ କଟକର ଓଡିଶା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୁଲ୍ୟରେ କଟକ ଗୌରୀଶଙ୍କର ସ୍ଥିତ କର୍ମବୀର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ତଥା ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡଃ. ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧି ଓ ସମ୍ମାନୀତ ଅତିଥି ଭାବେ ଗୋପିନାଥ ପଟ୍ଟନାୟକ, ନୀଳଗିରିର ରାଜା ସାହେବ ହରିଚନ୍ଦନ, ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ଅଧ୍ୟକ୍ଷ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଲବ୍ଧପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହିମାଂଶୁ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗାୟକ ସ୍ୱରସୁଧାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା (ପିଏନ)- ସ୍ୱନାମଧନ୍ୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବି ଗ୍ରେଡ ମାନ୍ୟତା ପ୍ରାପ୍ତ ଧୁଡୁକି ,ଏକତାରା ବାଦକ ଓ ଗାୟକ ସ୍ୱରସୁଧା ସ୍ୱର୍ଗତଃ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ନିଜ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଓ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକା' ପଣ୍ଡା ମୁଖ୍ୟବକ୍ତା ଓ ଗାୟକ ମିହିର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାର ତାର କୀର୍ତ୍ତି ଓ କୃତି ପାଇଁ ସର୍ବଦା ଅମର ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଗତି ନିମିତ



ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷକ ସନ୍ତୋଷ ମହାପାତ୍ରଙ୍କ ବେଦପାଠ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ପରିବେଷଣ ପରେ "ଅନନ୍ୟ ପ୍ରତିଭା" ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିବଂଗତଙ୍କ ସ୍ମୃତିରେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଧୁଡୁକି ବାଦକ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କ ସାଥି ସୁକାନ୍ତ କୁମାର ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏଥିରେ ଡଃ ଶରତ କୁମାର ଚଉଁରୀ, ସନ୍ତୋଷ ଦାସ, ରବି ଦାଶ, ଯଜ୍ଞେଶ୍ୱର ମଙ୍ଗରାଜ, ପଣ୍ଡିତ ରଂଜନ କୁମାର ଦାଶ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ସୁଧାକର ସେଠୀ, ସନ୍ଧ୍ୟାରାଣୀ ରାଣୀ ମହାପାତ୍ର, ସୁଦୀକ୍ଷା ମହାପାତ୍ର ଓ ସବିତା ଶୁକ୍ଳ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ । ଶେଷରେ କଣ୍ଠଶିଳ୍ପୀ ସଂଜୟ କୁମାର ପାଣିଗ୍ରାହୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନିଷ୍ଠ ଭ୍ରାତା ସୁରେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନ୍ଧାରୁଆରେ ବିଶ୍ୱଶାନ୍ତି ଯଜ୍ଞ

ଭୁବନେଶ୍ୱର (ପିଏନ୍): ଚଳିତ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ, ଇଂରାଜୀ ତା୧୩.୦୩. ୨୦୨୨ରିଖ ରବିବାର ଦିନ ଅନ୍ଧାରୁଆ ଗ୍ରାମସ୍ଥିତ ପ୍ରବୁଦ୍ଧ ବିହାର (ପାଦପଦ୍ମ ମୁଣ୍ଡିଆ)ଠାରେ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧକ୍ଷତାରେ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଅଛି । ଉକ୍ତ ମହତ କାର୍ଯ୍ୟାନୁଷ୍ଠାନରେ ମହିମା ଧର୍ମ ସମାଜର ପର ସନ୍ନ୍ୟାସୀ ଓ ଅପର ସନ୍ନ୍ୟାସୀ ସାଧୁବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଉକ୍ତ ଶୁଭ କାର୍ଯ୍ୟ ଅବସରରେ ଅଖଣ୍ଡ ଘୃତାବତୀ ପ୍ରଜ୍ଜ୍ୱଳନ, ବ୍ରହ୍ମ ଧୂନୀ ସ୍ଥାପନ, ମହିମା ବାଲ୍ୟଲୀଳା, ପ୍ରଭୁ ନାମ ଭଜନ ଗାୟନ, ଧର୍ମସଭା ଓ ବିଶ୍ୱ ଜଗତର ମଙ୍ଗଳ ନିମନ୍ତେ ଅଲେଖ ମହାପ୍ରଭୁଙ୍କଠାରେ ସମବେତୀ ପ୍ରାର୍ଥନାଦି କାର୍ଯ୍ୟକ୍ରମ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ଧର୍ମର ଭକ୍ତବୃନ୍ଦମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ଭକ୍ତ ନାରାୟଣ ଖୁଣ୍ଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ ।

### ହୃଦ୍‌ଘାତରେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରି ପଂଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଅସରଫ ଖାନ ୬୨ ବର୍ଷ ବୟସରେ ହୃଦଘାତରେ ନିଜ ବାସଗୃହରେ ମୃତ୍ୟୁବରଣ କରିଛନ୍ତି । ସେ ଜଣେ ସରଳ, ନିଷ୍କପଟ, ଧୀର, ଶାନ୍ତ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ । ତାଙ୍କ ମରଶରୀରକୁ ଧାର୍ମିକ ରୀତିନୀତି ଅନୁଯାଇ ଗ୍ରାମ୍ୟ କବର ସ୍ଥାନରେ କବର ଦିଆଯାଇଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

# ଚେନ୍ନାଇରେ ଚାଇନା ଲବି

ଭାରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି । ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚାର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍କ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲ୍‌ଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା । ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି



ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚାର କରାଯିବା ସହ ସରକାରୀ ଚାପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାତ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ୍ପାଦନ ବନ୍ଦ କରାଯିବାକୁ ଶ୍ରମିକ ସଂଗଠନ ଓ ରାଜନେତାଙ୍କ ଚାପ ତଥା ମିଡିଆର ପ୍ରଚାର ପଛରେ ଚୀନର ଯୋଜନା ରହିଛି । କାରଣ ଆମେରିକା-ଚୀନ ଲଢେଇରେ ଭାରତ ଉତ୍ପାଦନର ବିକଳ୍ପ କେନ୍ଦ୍ରଭାବେ ମୁଣ୍ଡ ଟେକୁଥିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ଭାରତରେ କାର୍ଯ୍ୟରତ ତାଇୱାନର କମ୍ପାନୀ-ଗୁଡିକ ହେଲେ କର୍ଣ୍ଣାଟକର ନରସାପୁରାସ୍ଥିତ ୱିଷ୍ଟ୍ରନ୍ ଇନ୍‌ଫୋକମ୍, ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ସିଟୀରେ ଥିବା ପେଗାଟ୍ରନ ଟେକ୍‌ନୋଲୋଜି ପ୍ରା ଲିମିଟେଡ୍ । କିଛିମାସ ତଳେ ସମାନ ଢଙ୍ଗରେ ୱିଷ୍ଟ୍ରନ୍‌ର ଉତ୍ପାଦନକୁ ବନ୍ଦ କରି ଦିଆଯାଇଥିଲା । ସେଠାରେ କମ୍ପାନୀ ଭଙ୍ଗାରୁଜା ପାଇଁ ଏସ୍‌ଏଫ୍‌ଆଇର ଜଣେ ଛାତ୍ରନେତାଙ୍କୁ ଗିରଫ କରାଯାଇ ଥିଲା ଯିଏକି ସିପିଏମ୍‌ର ଛାତ୍ର ଶାଖାର ସଦସ୍ୟ । ଅତୀତରେ ସନମିନା, ଫୋର୍ଡ, ପିପିଜି ଏସିଆନ ପେଣ୍ଟସ, ଏନ୍‌ଫିଲ୍ଡ ଇଣ୍ଡିଆ ଲିମିଟେଡ୍ ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଆନ୍ଦୋଳନ ହୋଇ ତାଲା ପଡିଥିଲା । କମ୍ପାନୀ ପରିସର ଭିତରେ ଶ୍ରମିକ ସଂଗଠନର କାର୍ଯ୍ୟକୁ ଅନୁମତି ମିଳିନଥିଲା । ଶ୍ରମିକ ସଂଗଠନ ସହ ସଂପୃକ୍ତ ଥିବା ଶ୍ରମିକମାନଙ୍କର ଚାକିରୀ ସୁରକ୍ଷା ନଥିଲା । ସେମାନେ ଠିକାରେ କାମ କରୁଥିଲେ । ତେଣୁ ପେସାଦାର ଶ୍ରମିକ ନେତାମାନେ ରାଜନେତା ଏବଂ ଗଣମାଧ୍ୟମକୁ ହାତ କରି କମ୍ପାନୀ ଭିତରେ ଶ୍ରମିକଙ୍କ ପାଇଁ ସୁବିଧା ନଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ନିଉ ଡେମୋକ୍ରାଟିକ ଲେବର ଫ୍ରଣ୍ଟ, ପିପୁଲ୍‌ସ ଡେମୋକ୍ରାଟିକ୍ ୟୁଥ ଆସୋସିଏସନ୍, ପିପୁଲସ ରାଇଟସ୍ ପ୍ରୋଟେକସନ ସେଣ୍ଟର, ଷ୍ଟୁଡେଣ୍ଟସ୍ ଫର ରାଇଜିଙ୍ଗ୍ ମୁଭମେଣ୍ଟ ଆଦି ସଂଗଠନର ନେତୃତ୍ୱରେ ଆନ୍ଦୋଳନ ହେଲା । ଫଳରେ କମ୍ପାନୀ କାମବନ୍ଦ କରିବାକୁ ନିଷ୍ପତ୍ତି ନେଲା ।

କାରଣ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିନିଧିମାନେ କମ୍ପାନୀର ପରିଦର୍ଶନରେ ଗଲେ ସେମାନେ ଶ୍ରମିକ ସଂଗଠନଙ୍କ ଭାଷାରେ ହିଁ ମତ ଦେଲେ । ପ୍ରତି ଶ୍ରମିକକୁ ଅତି କମ୍‌ରେ ୫୦ ବର୍ଗ ଫିଟ ସ୍ଥାନ ହଷ୍ଟେଲରେ ଦେବାକୁ, ବିଦ୍ୟୁତ କାଟ ବେଳେ ଇନ୍‌ଭର୍ଟର ଯୋଗାଇ ଦେବାକୁ ଦାବି ହେଲା । ଫକ୍ସକନ୍ କମ୍ପାନୀ ଶ୍ରମିକଙ୍କ ପାଇଁ ପ୍ରଥମେ ସବୁ ସୁବିଧାର ବ୍ୟବସ୍ଥା କରିବାକୁ ରାଜ୍ୟର ଶ୍ରମମନ୍ତ୍ରୀ ସିଭି ଗଣେଶନ କହିଛନ୍ତି ।

ତାମିଲନାଡୁର ଶ୍ରୀ ପେରୁମ୍ବୁଦୁର ଅଞ୍ଚଳରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ପ୍ରଭାବ ରହିଛି । ଅତୀତରେ ୨୦୧୪ରେ ନୋକିଆର ହ୍ୟାଣ୍ଡସେଟ୍ ଫକ୍ସକନ୍ ନିର୍ମାଣ କରୁଥିଲା । ନୋକିଆ ହ୍ୟାଣ୍ଡସେଟକୁ ମାଇକ୍ରୋସଫ୍ଟ କମ୍ପାନୀ ସେତେବେଳେ ୭ ବିଲିଅନ ଡଲାର ଦେଇ କିଣିଥିଲା । ଟିକସ ଦେଣନେଣକୁ କେନ୍ଦ୍ର କରି ବିବାଦ ସୃଷ୍ଟି ଯୋଗୁ ସେହି କମ୍ପାନୀ ବନ୍ଦ ହୋଇଥିଲା । ପୂର୍ବରୁ ତାମିଲନାଡୁର ଫୋର୍ଡ କାର କମ୍ପାନୀ ତାର କାରଖାନାକୁ ବନ୍ଦ କରିବାକୁ ବାଧ ହେବାପରେ ଭାରତ ଛାଡି ଚାଲିଗଲା ସେହି କମ୍ପାନୀକୁ ଅଧିଗ୍ରହଣ କରିବାକୁ ଟାଟା କମ୍ପାନୀ ଚେଷ୍ଟା ଚଳାଇଛି । ଦେଖିବାକୁ ଗଲେ ଆପଲ କମ୍ପାନୀର ଉତ୍ପାଦନ ଚୀନ, ବ୍ରାଜିଲ ଏବଂ ଭାରତରେ ରହିଛି । ଯଦି ଏପରି ଅଯଥା ଶ୍ରମିକ ଅଶାନ୍ତି ଲାଗିରହେ ତେବେ ଚେନ୍ନାଇ କୋଲକାତାର ସ୍ଥାନ ନେବାକୁ ଅଧିକ ସମୟ ନେବ ନାହିଁ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚେନ୍ନାଇସ୍ଥିତ ଫକ୍ସକନ୍ କମ୍ପାନୀର ଖାଦ୍ୟ ସ୍ଥାନୀୟ କଣ୍ଟ୍ରାକ୍ଟର ଯୋଗାଇଥାଏ । ଖାଦ୍ୟପ୍ରସ୍ତୁତିର ମାନକୁ କେନ୍ଦ୍ର କରି ଉଠିଥିବା ପ୍ରଶ୍ନ ସହ କମ୍ପାନୀର ସିଧା ସଂପୃକ୍ତି ନାହିଁ । ତଥାପି ସ୍ଥାନୀୟ କଣ୍ଟ୍ରାକ୍ଟର ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ କୁହାଯାଇଛି । କମ୍ପାନୀର ହଷ୍ଟେଲରେ ପରଷା ଯାଇଥିବା ଖାଦ୍ୟଖାଇ ଶ୍ରମିକ ଅସୁସ୍ଥ ହୋଇପଡିଥିଲେ । ଡିସେମ୍ବର ୧୫ରେ ପ୍ରଥମେ ଏହା ବିରୋଧରେ ଛୋଟ ଆନ୍ଦୋଳନ ଆରମ୍ଭ ହୋଇ ୧୯ ଡିସେମ୍ବରକୁ ଚେନ୍ନାଇ-ବାଙ୍ଗାଲୋର ସଡକ ପଥକୁ ବନ୍ଦ କରାଯାଇଥିଲା । ଅସୁସ୍ଥ କର୍ମଚାରୀମାନଙ୍କୁ ପୁନାମାଲ୍ଲେ, ନେମାସ, ଥିରୁମାଝିସାଇ, ଆନ୍ନାନଗର, ଅମ୍ବାଟୁର, ଭେଲାପାଞ୍ଚୱାଡି, କିଲପକର ଡାକ୍ତରଖାନାଗୁଡିକରେ ଭର୍ତ୍ତି କରାଯାଇଥିଲା । କାଞ୍ଚିପୁରମ୍ ଜିଲ୍ଲାପାଳ ଏମ୍. ଆରତିଙ୍କ କହିବାନୁସାରେ କମ୍ପାନୀ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । କାରଣ କମ୍ପାନୀ ପରିସରରେ ରହୁଥିବା ୭୦୦୦ ମହିଳା ଶ୍ରମିକଙ୍କୁ କଣ୍ଟ୍ରାକ୍ଟର କିମ୍ବା ଏଜେଣ୍ଟମାନେ ଆଣି ରଖାଇଛନ୍ତି । ଡିସେମ୍ବର ୧୮ରେ ମହିଳା ଶ୍ରମିକମାନେ ଅସୁସ୍ଥ ହେବାପରେ କାରଖାନା କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ପାଇଁ ଉତ୍ପାଦନ ବନ୍ଦ ରଖିବା କଥା କହିଛନ୍ତି । ପ୍ରାୟ ୧୧ଜଣ କଣ୍ଟ୍ରାକ୍ଟର ଶ୍ରମିକଙ୍କ ଖାଦ୍ୟ ଯୋଗାଣରେ ଥିବାରୁ କମ୍ପାନୀ ସେମାନଙ୍କଠାରୁ ଉତ୍ତରଦାୟିତ୍ୱ ଆବଶ୍ୟକ କରୁଛି । ଜିଲ୍ଲା ପ୍ରଶାସନର କମ୍ପାନୀ ଏବଂ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ଯୋଗସୂତ୍ର ରହିବା ଆବଶ୍ୟକ । କୌଣସି ସ୍ଥାନୀୟ ଅସନ୍ତୋଷକୁ ଆଧାର କରି ଚୀନର ଲବି ଯେପରି ଡେଇଁ ପଡୁଛନ୍ତି ସବୁକିଛି ବନ୍ଦ କରିବାକୁ, ତାହା ଶିଳ୍ପ ପାଇଁ କ୍ଷତିକାରକ । ରାଜ୍ୟ ଓ କେନ୍ଦ୍ର ସରକାର ଶିଳ୍ପ ବିରୋଧୀ ଏହି ପେସାଦାର ଧର୍ମଘଟକାରୀଙ୍କଠାରୁ ଶିଳ୍ପଗୁଡିକୁ ରକ୍ଷା କରିବା ପାଇଁ ଆବଶ୍ୟକ ନୀତି ପ୍ରଣୟନ କରିବା ଜରୁରୀ ହୋଇ ପଡିଲାଣି ।

**ସୌମେନ୍ଦ୍ର ଜେନା**
*ଭାରତୀୟ ସମ୍ବାଦ ସେବା (ଭାସ୍),*
*ଭୁବନେଶ୍ୱର-୭୫୧୦୦୩*

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଘଣ୍ଟନାଦ ସହ ବିକ୍ଷୋଭ

ରାଉରକେଲା (ପିଏନ୍): ସମ୍ପ୍ରତି ରାଜ୍ୟର ନିର୍ବାଚନ ସରିବା ପରେ କେନ୍ଦ୍ରର ମୋଦି ସରକାର କିପରି ପ୍ରତ୍ୟେକ ଦିନ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରିଛ଼ି ଓ ରନ୍ଧନ ଗ୍ୟାସର ଦର ୧୦୩୦ ଟଙ୍କାରେ ପହଞ୍ଚାଇଛ଼ି ତାହା ଅତ୍ୟ' ନିନ୍ଦନୀୟ ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହି ଦରବୃଦ୍ଧିକୁ ତୁର' ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଆଜିଠାରୁ ଦେଶବ୍ୟାପି ଆରମ୍ଭ ହୋଇଥିବା ମହଙ୍ଗାଇ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ସାମିଲ୍ ହୋଇ ଏହି ଦରଦାମ୍ ବୃଦ୍ଧିର ଘଣ୍ଟନାଦ ପ୍ରତିବାଦ ବିକ୍ଷୋଭ ସ୍ଥାନୀୟ ଏସ୍‌ଟିଆ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଇନ୍‌ଟକ ସଭାପତି ନିହାର ଦାସ, ଓବିସି ଅଧକ୍ଷ ବୈଲୋଚନ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ମୋଦି ସରକାରର ଜନ ବିରୋଧି ନୀତିର ତୀବ୍ର ପ୍ରତିବାଦ କରିଥିଲେ । ବିଗତ ଦିନରେ ୫ଟି ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର କିଛି କିଛି ହ୍ରାସ କରିଥିବା ବେଳେ ସମ୍ପ୍ରତି ନିର୍ବାଚନ ପରେ ପ୍ରତ୍ୟେକ ଦିନ ଏସବୁର ଦରବୃଦ୍ଧି କରିବାରେ ଲାଗିଛ଼ି । କରୋନା ସଂକଟ ଅଦ୍ୟାବଧି ଟଳି ନଥିବା ବେଳେ ସାଧାରଣ ଲୋକଙ୍କର ରୋଜଗାର ବିଶେଷ ପ୍ରଭାବିତ ହୋଇଛି । ଏହି ପରିସ୍ଥିତିରେ ବିଭିନ୍ନ ସାମଗ୍ରୀ ଉପରେ ଲୋକଙ୍କୁ ରିହାତିର ଆବଶ୍ୟକତା ଥିବାବେଳେ ମୋଦି ସରକାର ତାଙ୍କ କିଛି ପୁଁପତି ମିତ୍ରଙ୍କ ସମ୍ପତ୍ତି ବୃଦ୍ଧି କରିବା ପାଇଁ ସାଧାରଣ ଗରିବ ଲୋକଙ୍କ ପକେଟରୁ ପଇସା ଏହି ଦରବୃଦ୍ଧି ଜରିଆରେ କାଢି ନେଉଛ଼ି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ସମ୍ପ୍ରତି ଋଷ ଓ ୟୁକ୍ରେନର ଯୁଦ୍ଧ ପାଇଁ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଘଟୁଛି ବୋଲି କହୁଥିବା ମୋଦି ସରକାର ବିଗତ ଦିନରେ ଏ ସବୁର ଦରବୃଦ୍ଧି କରିବା ବେଳେ କେଉଁ ଯୁଦ୍ଧ ଚାଲିଥିଲା ବୋଲି ଏହି ଅବସରରେ କଂଗ୍ରେସ ତରଫରୁ ପ୍ରଶ୍ନ କରାଯାଇଛି । ତେବେ ଆଜି ଶ୍ରୀ ସୋନିଆଜୀଙ୍କ ଆହ୍ୱାନକ୍ରମେ ଦରବୃଦ୍ଧି ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଆଗକୁ ବଢିବ ବୋଲି କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ପ୍ରକାଶ କରି କେତେକ ରାଜ୍ୟରେ ନିର୍ବାଚନୀ ସଫଳତା ପାଇଁ ଅହଂକାରରେ ଫାଟି ପଡୁଥିବା ମୋଦି ସରକାର ଏଭଳି ଜନମାରଣ ନୀତିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ । ଏହି ଅବସରରେ ଛକ ଉପରେ ଖାଲି ସିଲିଣ୍ଡର, ଖାଲି ସ୍କୁଟର ଓ ମୋଟର ସାଇକେଲ୍ ରଖି ଦଳୀୟ କର୍ମକର୍ତ୍ତାମାନେ ଫୁଲ ମାଳ ପିନ୍ଧାଇ ଅଭିନବ ଢଙ୍ଗରେ ଘଣ୍ଟନାଦ ସହ ପ୍ରତିବାଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଦ୍ୟାସାଗର ସିଂହ, କାର୍ତ୍ତିକ ବେଉରିଆ, କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ମଣ୍ଡଳ, ଲୋକନାଥ ଭୂମିଜ, ରେହେମାନ ଖାନ, ଭାସ୍କର ଖିଲ୍ଲାର, ସେବାଦଳର ସାରଦା ପ୍ରସନ୍ନ ଦାସ, ଜିଲ୍ଲା କଂଗ୍ରେସର ଜିତେନ୍ଦ୍ର ଦାସ, ରତିକା' ମଲ୍ଲିକ, ରୁକସାନା ବେଗମ, ମହମ୍ମଦ ମୁର, ପ୍ରତାପ ସାହୁ, ଚତୁର୍ଭୁଜ ସାମଲ, ସ'ୋଷ ପରିଜା, ରାଜେଶ ପତି, ବାବୁ ଖାନ, ଶ୍ୟାମ ସାଗର, ଧରମା ନାୟକ, ସୁହାସିନି କୁଆଁ, ପ୍ରମିଳା ପଟ୍ଟନାୟକ, ନରେନ୍ଦ୍ର ବର୍ମା, ନରେନ୍ଦ୍ର ସିଂହ, ଶଙ୍କର ଦାସ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ସକ୍ରିୟ ସହଯୋଗ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକୋତ୍ସବ



ଧର୍ମଶାଳା (ପିଏନ୍): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଅନୁକୁଲ୍ୟରେ ପାଟପୁର ପଂଚାୟତ ସ୍ଥିତ ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡ. ନିଶିକାନ୍ତ କର ସମ୍ମାନିତ ଅତିଥି, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀରଂଜନ ରାୟ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଟ୍ରଷ୍ଟର ସଦସ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡାର ବର୍ଷିଆନ ସଦସ୍ୟ ଇଂ ନରେନ୍ଦ୍ରନାଥ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାଧ୍ୟମରେ ମାନବରୁ କିପରି ମାଧବ ରୁପରେ ପରିବର୍ତ୍ତନ ହେବା ଏବଂ ନାମ ସ୍ମରଣ ଶ୍ରେଷ୍ଠ ସାଧନା ଉପରେ ଆଲୋକପାତ କରିଥିଲେ । ଭଜନ ମଣ୍ଡଳୀର ଆବାହାକ ସୁବାଷ ଚନ୍ଦ୍ର ପଣ୍ଡା ସଂଯୋଜନା କରିଥିବା ବେଳେ ବିଚିତ୍ରାନନ୍ଦ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଜାରକା ସତ୍ୟସାଇ ସେବା ସମିତିର ଆବାହକ ସୁଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ପ୍ରତଃ ସାଢେ ଚାରିଟାରୁ ଓମକାରମ, ସୁପ୍ରଭାତମ, ନଗରପରିକ୍ରମା, ଷୋଡଶ ଉପଚାର ପୂଜା, ପ୍ରଶାନ୍ତି ଧ୍ୱଜା ଉତୋଳନ, ନାରାୟଣ ସେବା, ବେଦପାଠ, ସମୁହ ଭଜନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାର୍ଷିକ ଉତ୍ସବରେ ନୀଳକଣ୍ଠପୁର, କଲଣ, ଜାରକା, ଅରେଇକଣା, ନିଶିମଳା, ବରଜପୁର, ପିପଳିଡିହ ପ୍ରମୁଖ ସମିତି ଓ ଭଜନମଣ୍ଡଳୀର ଶତାଧିକ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ । ଶେଷରେ ପ୍ରଶାନ୍ତ କୁମାର ଜେନା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ ।

## ନିର୍ବାଚନ ପରବର୍ତୀ ହିଂସା ଘଟଣାରେ ୬ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମରେ ନିର୍ବାଚନ ପରବର୍ତି ହିଂସା ଘଟଣାରେ ଉଭୟ ଗୋଷ୍ଠୀର ୬ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଉତରାପୁର ଗ୍ରାମର ବିଶ୍ୱନାଥ ସାହୁ, ନିଗମାନନ୍ଦ ସାହୁ, ଅଜୟ ସାହୁ, ଅକ୍ଷୟ ସାହୁ, ନିଶାକର ବାରିକ, ବିଶ୍ୱନାଥ ବାରିକ । ନିର୍ବାଚନ ଫଳାଫଳକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ୧୦ଜଣ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା । ଏନେଇ ପୋଲିସ ୧୪୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି ।

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୦୨**

# ପରିବେଶ ସୁରକ୍ଷା ଚିନ୍ତା !



ପରିବେଶ ପ୍ରଦୂଷଣ ଆଜି ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ବିଗତ ଦିନରେ ଭୟଙ୍କର ଭୂମିକମ୍ପ ନେପାଳର ଜନଜୀବନ ଓ ଅର୍ଥନୀତିକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ବେଳେ ଆମ ଦେଶ ତଥା ରାଜ୍ୟରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଏହି ଭୂକମ୍ପର ନିର୍ଘାତ ପ୍ରହାରରେ ନେପାଳ ସମେତ ସିକିମ୍, ଭୁଟାନ, ଭାରତ, ପାକିସ୍ତାନ ପର୍ଯ୍ୟନ୍ତ ଏସୀୟ ଭୂଖଣ୍ଡ ଥରିଉଠିଥିଲା । ହିମାଳୟରେ ବାଦଲଫଟା ବର୍ଷାରୁ ସୃଷ୍ଟ ଉତ୍ତରାଖଣ୍ଡ ମହାପ୍ରଳୟକଥା ଏବେବି ମନରୁ ଲିଭିନି । ସେହି ମହାପ୍ରଳୟର କଥା ମନେ ପଡିଲେ ଏବେବି ଲୋମ ଟାଙ୍କୁରି ଉଠେ, ଦୀର୍ଘଶ୍ୱାସ ବାହରି ଆସେ । ବିଗତ ଦିନରେ ଜାପାନରେ ଘଟିଯାଇଥିବା ଭୂମିକମ୍ପ ଓ ସୁନାମି ପ୍ରକୃତିର କ୍ରୁରତା ଓ ପରିବେଶ ପ୍ରଦୂଷଣ ଭୟାବହତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ଆଗାମୀ ଦିନରେ ପ୍ରକୃତିର ଏହି କ୍ରୁର ରୂପ କିଭଳି ଆକାର ଧାରଣ କରିବ ତାହା ଆମ କଳ୍ପନାର ବାହାରେ । ପ୍ରତି ମୁହୂର୍ତ୍ତରେ ମହାପ୍ରଳୟର ଆଶଙ୍କାରେ ଆମେ ଶଙ୍କିତ ଓ ଅତିଷ୍ଠ । ପରିସ୍ଥିତି ଏପରି ହୋଇଛି ଯେ ସାମାନ୍ୟ ଟିକେ ପବନ ହେଲେ ମହାବାତ୍ୟା ଓ ଲଘୁଚାପ ସୃଷ୍ଟି ହେଲେ ସୁନାମି ଆସିବାର ଆଶଙ୍କା ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରୁଛି । ଜଙ୍ଗଲ ଧ୍ୱଂସ ହିଁ ଏହାର ପ୍ରମୁଖ କାରଣ ରୂପେ ଉଭା ହୋଇଛି । ଫଳସ୍ୱରୂପ, ବିଶ୍ୱ ତାପାୟନ ବଢି ଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି, ମୃତ୍ତିକା କ୍ଷୟ ବଢିବାରେ ଲାଗିଛି, ବୃଷ୍ଟିପାତ ହ୍ରାସ ପାଉଛି, ଉତ୍ପାଦନ ବ୍ୟାହତ ହେଉଛି ଓ ସର୍ବୋପରି ପରିବେଶ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଋତୁ ଚକ୍ରରେ ପରିବର୍ତ୍ତନ ଦେଖାଦେଇଛି । ଛଅ ଋତୁ ଆଜି ସାତ ସପନ । ପୌଷ ଓ ମାଘର ହାଡ ଭଙ୍ଗା ଶୀତ ଆଉ ନାହିଁ । ଶୀତର ପ୍ରଭାବ ଢେର କମି ଗଲାଣି । ଗରମ ପୋଷାକ ଆଗ ଭଳି ଦରକାର ପଡୁନି । ବରଂ ଘରେ ଫ୍ୟାନ୍‌ର ଆବଶ୍ୟକତା ପଡୁଛି । ଫାଲ୍‌ଗୁନ-ଚୈତ୍ର ନା ଥାଏ ଖରା ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ହେମନ୍ତ ଓ ଶରତ ଋତୁର କଥା ନକହିବା ଭଲ । ଗ୍ରୀଷ୍ମଋତୁର ଅବଧି ବଢି ବଢି ଚାଲିଛି । କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । ଘରେ ଗରମ ତ -ବାହାରେ ଅଗ୍ନିବର୍ଷା । ଅସହନୀୟ ହେଉଛି ଜୀବନ ଯାତ୍ରା । ଆଦ୍ୟ ଆଷାଢ଼ର ପହିଲି ବର୍ଷାର ମହକ ଆଉ ନାହିଁ । ସାରୁ ଗଛମୂଳରୁ ଶୁଭୁନି ବେଙ୍ଗର ରଡି । ଏବେ ମୌସୁମୀର ରହୁନି ଠିକଣା । ଧାରା ଶ୍ରାବଣ ହରାଇ ବସିଛି ତା'ର ପ୍ରାସଙ୍ଗିକତା । ବର୍ଷ ବର୍ଷ ଧରି ପ୍ରକୃତି ମାତା ଉପରେ ହୁମ୍‌ଦୁମ୍ ଚାଲିଛି । ମାଆ ଚପଳ ବାଳକର ହୁମ୍‌ଦୁମ୍ ସମ୍ଭାଳି ନିଏ । କିନ୍ତୁ ଏକବିଂଶ ଶତାବ୍ଦୀର ମଣିଷ ବଡ ହୋଇଛି । ଏହାର ଜ୍ଞାନ ହୋଇଛି । ବିଜ୍ଞାନ ବଳରେ ଜଗତକୁ ଜିଣିବାର ପ୍ରୟାସ ଜାରି ରଖିଛି । କିନ୍ତୁ ଏସବୁ ସତ୍ତ୍ୱେ ସେ ଜାଣି ନ ଜାଣିଲା ପରି ପ୍ରକୃତି ଉପରେ ଅତ୍ୟାଚାର କରିଚାଲିଛି । କାରଣ ଖୋଳି ବସିଲେ ପ୍ରକୃତି ବିଶ୍ୱ ମାନବ ସମାଜକୁ ଦେଇଛି ଜଳ, ବାୟୁ, ମୃତ୍ତିକା ଓ ଜଙ୍ଗଲ । ମାତ୍ର ଦ୍ରୁତ ଜନ ବିସ୍ଫୋରଣ, ଶିଳ୍ପ ଅଭିବୃଦ୍ଧି, ସଡକ ନିର୍ମାଣ, ଲୋକଙ୍କ ରହିବା ମେଣ୍ଟାଇବା ପାଇଁ ବସତି ନିର୍ମାଣ ପ୍ରଭୃତି ହେତୁ ବ୍ୟାପକ ଜଙ୍ଗଲ କଟା ଚାଲିଛି । ଫଳରେ ବାୟୁମଣ୍ଡଳରୁ ଅମ୍ଳଜାନ କମି ବିଷାକ୍ତ ଅଙ୍ଗାରକାମ୍ଳ ଗ୍ୟାସ୍ ବୃଦ୍ଧି ପାଇ ବିଶ୍ୱ ତାପମାତ୍ରା ବଢିବାରେ ଲାଗିଛି । ଖାଲି ସେତିକି ନୁହେଁ କଳକାରଖାନାରୁ ନିର୍ଗତ ଗ୍ୟାସ୍ ଏବଂ ଅନ୍ୟାନ୍ୟ ରାସାୟନିକ ପ୍ରକ୍ରିୟା ଓ ପ୍ରତିକ୍ରିୟାରୁ ବାୟୁ, ଜଳ, ମୃତ୍ତିକା ମଧ୍ୟ ପ୍ରଦୂଷିତ ହେଉଛି । ଅଜ୍ଞାନ ବାଳକ ସିନା ଜାଣି ନ ଥିଲା, ହେଲେ ଏବର ବିଜ୍ଞାନୀପୁଅମାନେ ଭଲଭାବେ ଜାଣିଛନ୍ତିଯେ ପ୍ରକୃତିମାତା ସୁକୁମାର ଭାବେ ଗଢା । ଯଦି ପୃଥିବୀର ତାପମାତ୍ରା ଆଉ ୩ ଡିଗ୍ରୀ ବଢି ଯାଏ ତାହେଲେ ମେରୁ ନିକଟରେ ଜମା ହୋଇ ଜଳବାୟୁକୁ ନିୟନ୍ତ୍ରଣ କରୁଥିବା ବରଫ ପାହାଡ ସବୁ ତରଳି ଯିବ । ଏପରି ଭାବେ ଯଦି ବରଫ ତରଳେ, ସମୁଦ୍ର ଜଳ ପତ୍ତନ ଆଉ ୧୫ ଫୁଟ୍ ବଢିଯିବ । ୧୫ ଫୁଟ୍ ତ ଦୂରର କଥା, ଜଳପତନ ୩ ରୁ ୫ ଫୁଟ୍ ବଢିଗଲେ ସମଗ୍ର ବିଶ୍ୱ ପ୍ରଳୟରେ ଲୀନ ହେବ ! ସତରେ ଏକଥା ଆମେ କେବେ ବୁଝିବା କେଜାଣି? ବିଶ୍ୱ ପରିବେଶ ଏଭଳି ସଙ୍କଟ ଜନକ ପରିସ୍ଥିତିରେ ଗତି କରୁଥିବା ବେଳେ ଏହି କଥାକୁ ଆଖି ଆଗରେ ରଖି ମିଳିତ ଜାତିସଂଘ ୧୯୭୨ ମସିହାରେ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ବିଶ୍ୱ ପରିବେଶ ଦିବସର ଉଦ୍ଦେଶ୍ୟ ହେଲା ପରିବେଶ ସମସ୍ୟାକୁ ମାନବିକ ଦୃଷ୍ଟିକୋଣରୁ ବିଚାର କରିବା ଓ କାର୍ଯ୍ୟରେ ତାକୁ ରୂପାୟନ କରିବା । ଅନ୍ୟ ଅର୍ଥରେ କହିଲେ ବିଶ୍ୱ ପରିବେଶ ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରଦୂଷଣର ଭୟଙ୍କରତା ସମ୍ପର୍କରେ ପ୍ରତ୍ୟେକ ଦେଶର ଜନସାଧାରଣଙ୍କୁ ସଚେତନ କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ମାନବଜାତି ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଇତି ମଧ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ହେବା ୪୬ ବର୍ଷରେ ପହଞ୍ଚିଲାଣି । ସାରା ପୃଥିବୀରେ ପ୍ରତିଦିନ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି, ଏହାର ପ୍ରତିରୋଧ ପାଇଁ ଆଇନ୍ ପରେ ଆଇନ ତିଆରି ହେଉଛି । ମାତ୍ର ଏଥିରୁ ଆଶାଜନକ ସଫଳତା ମିଳୁନାହିଁ । ଆମ ଦେଶରେ ୧୯୮୦ ମସିହାରେ ଭାରତ ସରକାର ବନମହୋତ୍ସବ ଆୟୋଜନ କରିଥିଲେ । ସେହିପରି ପରିବେଶ ଓ ଜଙ୍ଗଲ ବିଭାଗ ମନ୍ତ୍ରଣାଳୟ ଅଧୀନରେ ଆଉ ଏକ ପରିଷଦ ଅଛି ଜାତୀୟ ବନାଙ୍କଣ ଓ ପରିବେଶ ବିକାଶ ପରିଷଦ । ମାତ୍ର ଏସବୁ ବ୍ୟବସ୍ଥା ସତ୍ତ୍ୱେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚନା ଅନୁଯାୟୀ ନୂଆଦିଲ୍ଲୀର ବାୟୁମଣ୍ଡଳ ପୃଥିବୀରେ ସବୁଠାରୁ ଅଧିକ ପ୍ରଦୂଷିତ । ସେହି ରିପୋର୍ଟରୁ ଆହୁରି ଜଣାପଡିଛି ଯେ ଭାରତର ଛୋଟଛୋଟ ସହର ଗୁଡିକରେ ବି ବାୟୁ ପ୍ରଦୂଷଣ ବିପଜ୍ଜନକ ସ୍ଥିତିରେ ପହଞ୍ଚିଲାଣି । ବୈଜ୍ଞାନିକଙ୍କ ମତରେ ତାପ ଓ ଶୀତଳତା ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ ବୃକ୍ଷରାଜି ଓ ବନାନୀ ଏକାନ୍ତ ଆବଶ୍ୟକ । ବର୍ତ୍ତମାନ ଗାଁ ଗଣ୍ଡା ବୃକ୍ଷ ଶୂନ୍ୟ । ଗାଁ ଗାଁ ରୁ ଗଛ ଉଚ୍ଛେଦ ଗଛ ଥିବ କି ନ ଥିବ । ସେଗୁଡିକର ଶାଖା ମଧ୍ୟ କର୍ତ୍ତିତ । ଯାହାଫଳରେ ଅଦିନରେ ଅନେକ ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ଡାକି ଆଣିଛୁ ବୋଲି କହିଲେ ଭୁଲ ହେବ ନାହିଁ । ବିଗତ ଦିନରେ ମିୟାଁମାର ଓ ବାଂଲାଦେଶରେ ସାମୁଦ୍ରିକ ବାତ୍ୟା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିଲା ତାହାର ମୂଳ କାରଣ ହେଉଛି ଜଙ୍ଗଲ ଧ୍ୱଂସ । ଆମ ଦେଶରେ ମଧ୍ୟ ସେହିପରି ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ଝଡବାତ୍ୟା, ବଜ୍ରପାତ, ସୁନାମୀ, ଅଂଶୁଘାତ ଓ ଭୂକମ୍ପ ଭଳି ବିପର୍ଯ୍ୟୟର ସମ୍ଭାବନା ବଢି ବଢି ଚାଲିଛି ସେହିପରି ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ଖରା । କେବଳ ବୈଶାଖ ଜ୍ୟେଷ୍ଠ ନୁହେଁ ବର୍ଷର ଅଧିକାଂଶ ସମୟରେ ତାହି ଅନୁଭୂତ ହେଉଛି । ଏହାର ପ୍ରଧାନ କାରଣ ହେଲା ଓଡିଶାର ଉପକୂଳରେ ଯେଉଁ ହେନ୍ତାଳ ବନ ଥିଲା ତାହା ଏବେ ଲୋପ ପାଉଛି । ଏହାର ନିରାକରଣ ପାଇଁ ବ୍ୟାପକ ଭାବରେ ବୃକ୍ଷରୋପଣ, ସାମାଜିକ ବନୀକରଣ, ପୁରୁଣା ଜଙ୍ଗଲର ପୁନରୁଦ୍ଧାର ଓ ସାମୁଦ୍ରିକ ଉପକୂଳରେ ଲୁଣାଜଙ୍ଗଲର ସୃଷ୍ଟି ଉପରେ ଅଗ୍ରାଧିକାର ଦେବାକୁ ହେବ । ଏବେ ବି ସମୟ ଆମ ପାଖରେ ସରିଯାଇନାହିଁ । ଆମ ଆଗରେ ବହୁ ପଥ ପଡିରହିଛି । ସେଥିରୁ ଗୋଟିଏ "ବଞ୍ଚିଲେ ବନ ବଞ୍ଚିବେ ଜନ" ଆପଣେଇ ନେଲେ ତାହାହିଁ ବୁଦ୍ଧିମାନର କାର୍ଯ୍ୟ ହେବ । ପରିବେଶ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଆହ୍ୱାନ । ପରିବେଶ ସୁରକ୍ଷା ପାଇଁ ବିଶ୍ୱ ସ୍ତରରେ ଯେଉଁ ପ୍ରଚେଷ୍ଟା ଆରମ୍ଭ ହୋଇଛି ତାହା କେବଳ କୌଣସି ସଂଗଠନ ବା ପ୍ରତିଷ୍ଠାନ ଜରିଆରେ ସମ୍ପୂର୍ଣ୍ଣ ସଫଳ ହେବା ଅସମ୍ଭବ । ବ୍ୟକ୍ତିର ସଚେତନତା ହିଁ ଏହାର ସଫଳତାର ଅସଲ ଉତ୍ସଭିତ୍ତି । ପରିବେଶକୁ ଭଲପାଉଥିବା ଓ ଏହାର ସୁରକ୍ଷା ପାଇଁ ଚିନ୍ତା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିବା ଜରୁରୀ । ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତାକୁ ବଞ୍ଚାଇ ରଖିପାରିଲେ ତାହାହିଁ ହେବ ବିଶ୍ୱକୁ ମହାପ୍ରଳୟରୁ ରକ୍ଷା କରିବାର ସହଜତମ ଉପାୟ ।

**ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୩୩୭୧୫୧୦୫୨**

# ଉତ୍କଳ-ପ୍ରତିଟି ଓଡ଼ିଆ ପ୍ରାଣର ପ୍ରତିଧ୍ୱନି

ଡି ଶୁଭମ୍



ଓଡ଼ିଆ-କେବଳ ଏକ ଭାଷା ନୁହେଁ, ଏହା ପ୍ରତିଟି ଓଡ଼ିଆଙ୍କ ଛାତି ତଳେ ଚାପି ରହିଥିବା ସେହି ଅଖଣ୍ଡ ଶକ୍ତିଟିଏ। ଐକ୍ୟ ଓ ଅଖଣ୍ଡତାର ସମାହାରରେ ପୁଷ୍ପିତ, ଆର୍ଯ୍ୟଋଷିମାନଙ୍କ ଉଦରା ମାନବିକତାର ଏକ ଶ୍ରେଷ୍ଠ ଉଚ୍ଚାରଣ ବସୁଧୈବ କୁଟୁମ୍ବକମ, ତଥା ବହୁ ଭାଷାଭାଷୀ ମଣିଷଙ୍କ ବିଚିତ୍ର ମିଳନ ଭୂମି ଏ ଭାରତବର୍ଷ। ଏହାରି ଭିତରେ ଓଡ଼ିଆ ଓ ଓଡ଼ିଶାର ମହତ୍ତ୍ୱ ଟିକେ ନିଆରା। ଏହାର କଳେବରରେ ଭରି ରହିଛି ଏକ ନୂତନ ସ୍ୱାତନ୍ତ୍ର୍ୟ। ଏହାର ସଭ୍ୟତାର ପରିଭାଷା ସ୍ୱଚ୍ଛନୀରା ମନ୍ଦାକିନୀର ଧାରା ପରି ପବିତ୍ର। ଶ୍ରମ, ସାଧନା ଓ ସମର୍ପଣର ଉପାଦାନରେ ପରିସ୍ଫୁଟ ଆମ ଓଡ଼ିଶା ପ୍ରଦେଶ ଏକ ମହାଭାରତୀୟ ଚେତନାର ଆଦ୍ୟରୂପ। ଏଠି ଗାଁର ମଧୁମୟ ପରିବେଶ ସାଙ୍ଗକୁ ପରିବାରର ପ୍ରେମପ୍ରଣୟ ବେଶ ଜୀବନ୍ତ ହୋଇଉଠେ। ସେଇଥିପାଇଁ ତ ଆମେ ଛାତିଫୁଲେଇ କହିପାରୁଛେ ମୁଁ ଓଡ଼ିଆ, ଓଡ଼ିଆ ମୋର ଭାଷା। ଓଡ଼ିଆର ମନ୍ତ୍ରଧ୍ୱନିରେ ଧ୍ୱନିତ ଓଡ଼ିଶା। ପ୍ରତିବର୍ଷ ଏପ୍ରିଲ ୧ ତାରିଖକୁ ଆମେ ଉତ୍କଳ ଦିବସ ଭାବେ ପାଳନ କରୁ ସତ କିନ୍ତୁ କାହିଁକି କେଉଁଠି ନା କେଉଁଠି ଏହି ଦିନ ଉତ୍କଳ, ଉଡ୍ର, ଓଡ଼ିଶା ପ୍ରତି ମନ ଭିତରେ ଥିବା ଆବେଗପଣ ଆଉ ଟିକେ ଜୀବନ୍ତ ହୋଇଉଠେ। ନିଜ ଭାଷାକୁ ନେଇ ଗର୍ବ କରିବାକୁ ମନେହୁଏ।

ଭାଷା ହିଁ ଜୀବନ ଶକ୍ତି ଜୀବମାନଙ୍କର, ଯେଉଁ ଜାତି ଭାଷାହୀନ, ସେ ଜାତି ବର୍ବର। ବୈଦିକ ଯୁଗରେ ବି ବେଦର ଭାଷା ଥିଲା ମୁନିଋଷି ମାନଙ୍କ ଭାଷା। ସୁତରାଂ ସବୁ ସମୟରେ ଭାଷା ହିଁ ଜୀବନଯମୁନାରେ ଏକ ନୂତନତା ଓ ଆତ୍ମୀୟତାର ସରଳରେଖା ଟାଣିଥାଏ। ଏହାର ଗତି ନିର୍ଣ୍ଣିତ ଓ ସ୍ୱାଦ ବି ଅପରିବର୍ତ୍ତିତ। ଭାଷା ମଣିଷର ଭୂଷଣ। ଠିକ୍ ସେମିତି ଓଡ଼ିଆ ଆମ ମାତୃଭାଷା। ସମୟର ଗତାନୁଗତିକ ପରିବର୍ତ୍ତନ ସହିତ ଆଜି ଓଡ଼ିଆ ମାନେ ନିଜ ମାତୃଭାଷାକୁ କହିବା ପାଇଁ ବି ଲାଜ କରୁଛନ୍ତି। ଅତ୍ୟନ୍ତ ପରିତାପର ବିଷୟ ଆଜିର ଓଡ଼ିଆ ମାନେ ବିଦେଶୀ ଭାଷାର ନିଶାରେ ମାତି ଯାଇଛନ୍ତି। ସେଇଥିପାଇଁ-

***"ବର୍ଣ୍ଣବୋଧ ଭାଷା ଆଜି ବିବର୍ଣ୍ଣ ହେଲାଣି/ବିଦୀର୍ଣ୍ଣ ହେଉଛି ଛାତି/ଦେଖି ସ୍ୱଦେଶୀଙ୍କ ବିଦେଶିନୀ ମୋହ/କାନ୍ଦେ ଭାଷା ସଂସ୍କୃତି। ଦେଶଜାତି ପ୍ରୀତି, ଇଂରାଜୀ ଭାଷାର ନିଶାରେ ମାତିଛି/ମାତାଲ ଓଡ଼ିଆ ଜାତି।"***

ବିଶ୍ୱସ୍ତରରେ ପରିଚିତ ଆମ ଓଡ଼ିଶା ଭାଷା। କାହିଁକି ନା ଆମେ ଓଡିଆ , ଆମ ଭାଷା ଓଡ଼ିଆ। ସେଥିପାଇଁ ନିଜକୁ ସଜାଗ ରଖିବାକୁ ହେବ। ଭବିଷ୍ୟତରେ ଯେମିତି ଭାଷା ସମସ୍ୟା ସୃଷ୍ଟି ନ ହେଉ, ଆଂଚଳିକତାକୁ ଜଳାଂଜଳି ଦେବାକୁ ହେବ-ଏକଥାକୁ ସ୍ମରଣ ରଖିବାକୁ ହେବ। ଏକ ପରିବାର, ଏକ ଭାଷା ଏହି ଉକ୍ତିରେ ନିଜକୁ ପରିଚାଳିତ କରିବାକୁ ହେବ।

ମା'ର ଭାଷା ହିଁ ମାତୃଭାଷା। ଏହା ଯେତେ ସୁନ୍ଦର ସରସ ସାବଲୀଳ ଅନ୍ୟ କୌଣସି ଭାଷା କେବେ ଏହାର ସମକକ୍ଷ ହୋଇପାରିବ ନାହିଁ। ମାତୃଭାଷାରେ ଗୋଟିଏ ଜାତିର ସ୍ୱାଭିମାନ ପ୍ରକଟିତ। ମାତୃଭାଷାକୁ ନିନ୍ଦା ଆଉ ଅବମାନନା କରିବା ଲୋକ ଜାତିଦ୍ରୋହୀ। ଗଙ୍ଗାଧର ମେହେର ଦିନେ କହିଯାଇଥିଲେ-

***"ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ/ ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ।"***

ଯେଉଁ ଦେଶର ଭାଷା ଯେତେ ଉନ୍ନତ ସେ ଦେଶ ସେତେ ବିକଶିତ। କୌଣସି ଉନ୍ନତ ଦେଶର ସାହିତ୍ୟ ଓ ସଂରକ୍ଷଣ ତାହାର ଭାଷା ଦ୍ୱାରା ପ୍ରଭାବିତ ହୋଇଥାଏ। ଫଳରେ ସେ ଦେଶର ଶିକ୍ଷା ଓ ସଂସ୍କୃତି ଆପେଆପେ ବିକଶିତ ହୁଏ। ଠିକ ଏହି କାରଣରୁ ଇଂରାଜୀ ଭାଷା ବିଶ୍ୱ ଦରବାରରେ ଜନାଦୃତ ହାଇ ପାରିଛି। ଯେଉଁ ଦେଶର ଭାଷା ଦୁର୍ବଳ, ସେ ଦେଶ ପ୍ରଗତି ସେତେ ମନ୍ଥର। ଯଦିଓ ପୃଥିବୀର ବିକଶିତ ଭାଷାମାନଙ୍କ ମଧ୍ୟରେ ଇଂରାଜୀ ଅନ୍ୟତମ ଓ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଟେଲି-ଯୋଗାଯୋଗ କ୍ଷେତ୍ରରେ ପ୍ରାଧାନ୍ୟ ଅଧିକ, ତଥାପି ଫ୍ରାନ୍ସ, ଜାପାନ୍, ନେଦରଲ୍ୟାଣ୍ଡ ପ୍ରଭୃତି ଦେଶ ନିଜ ମାତୃଭାଷାରେ ଶିକ୍ଷାଲାଭ କରି ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ମାତୃଭାଷାରେ ଶିକ୍ଷାଦାନ କରିବା ଶିକ୍ଷକମାନଙ୍କ ପାଇଁ ସହଜ ଆଉ ଏହାକୁ ହଜମ କରିବା ଛାତ୍ରମାନଙ୍କ ପାଇଁ ମଧ୍ୟ ସହଜ। ଏହା ମନ ଓ ହୃଦୟ ଉଭୟଙ୍କୁ ଛୁଇଁପାରେ। ହୁଏତ ଅଳ୍ପ କେତେକଙ୍କ ପାଇଁ ପ୍ରବାସୀ ଭାଷା ସୁବୋଧ ହୋଇପାରେ ପରନ୍ତୁ ଅଧିକାଂଶ ପିଲାଙ୍କ ପାଇଁ ଏହା ଦୁର୍ବୋଧ। ତେଣୁ ଯେତେ ଡିଣ୍ଡିମ ପିଟି ପ୍ରବାସୀ ଭାଷାର ପ୍ରଚାର କଲେବି ଏହା ଧର୍ମକୁ ଆଖି ଠାର ପରି। ଏବର ଭାରତବର୍ଷରେ ଏବେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନକୁ ପ୍ରସାର କରାଯାଉଛି। ଏହି ଶିକ୍ଷାଧାରରେ ମନୁଷ୍ୟ ପାଶ୍ଚାତ୍ୟର ଅନୁଗାମୀ ହୋଇଯାଇଛି। ଫଳରେ ଆଜି ବୈକୁଣ୍ଠ ନର୍କ ହୋଇଯାଇଛି। ସବୁ ସରକାରୀ କାର୍ଯ୍ୟାଳୟରେ ଇଂରାଜୀ ଫଳକ ଲାଗୁଛି। ସରକାରୀ ଚିଠିପତ୍ରରେ ଇଂରାଜୀ ଶବ୍ଦ। ଯାହାର ପରିଣତି ହେଉଛି ଭାରତର ବ୍ରେନଡ୍ରେନ। ଆମ ଦେଶରେ ବହୁ ଭାଷା ପ୍ରଚଳିତ। ଏମାନଙ୍କ ମଧ୍ୟରେ ସଂହତି ସହାନୁଭୂତି ଭରି ରହିଛି। ବିବିଧତା ଭିତରେ ଏକତା ଆମର ମୂଳମନ୍ତ୍ର। ପରନ୍ତୁ ବର୍ତ୍ତମାନ ସେଇ ମମତାବନ୍ଧନର ଶିଥିଳ ହୋଇଯାଇଛି। ସଂପ୍ରଦାୟିକତା ବଢିଛି। ସୌହାର୍ଦ୍ଦ୍ୟ କମୁଛି। ଓଡିଆ ଲୋକ ଆନ୍ଧ୍ରରେ ଓଡିଆ କହିଲେ ମାଡ ଖାଇବାକୁ ପଡୁଛି।

ଅବଶ୍ୟ ଭାରତବର୍ଷରେ ଏବେ ଇଂରାଜୀ ଭାଷାରେ ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଏହାର କୁପରିଣତି କାହାକୁ ଅବିଦିତ ନୁହେଁ। ଏହାର ଶିକ୍ଷାଧାରରେ ପ୍ରଭାବିତ ହୋଇ ମାନବ ପାଶ୍ଚାତ୍ୟର ଅନୁଗାମୀ ହୋଇ ପାରିବାରିକ ସମ୍ପର୍କ ଛିନ୍ନ କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଭାରତରେ ବାସ କରୁଥିବା ଯେତେଜଣ ବ୍ୟକ୍ତି ନୋବେଲ ପୁରସ୍କାର ପାଇଛନ୍ତି, ତା'ଠୁ ଅଧିକ ପ୍ରବାସୀ ଭାରତୀୟ ପାଇଛନ୍ତି। ଏହା ସ୍ପଷ୍ଟ ପ୍ରମାଣିତ କରୁଛି ଯେ ପ୍ରବାସୀ ଭାଷା ମାଧ୍ୟମରେ ଶିକ୍ଷିତ ଯୁବଗୋଷ୍ଠୀଙ୍କର ମାତୃଭୂମି ପ୍ରତି ମମତା ନାହିଁ। ଜନ୍ମଭୂମି ପ୍ରତି ଆନୁଗତ୍ୟ ନୁହନ୍ତି। ନିଜର ସ୍ୱାର୍ଥ ସାଧନ ପାଇଁ ମା' ପେଟରେ ଛୁରୀ ଚଳେଇବାକୁ ସେମାନେ କୁଣ୍ଠିତ ନୁହନ୍ତି। ଫଳରେ ରାଜ ଠାକ୍‌ରେଙ୍କ ପରି ବିଚ୍ଛିନ୍ନତାବାଦୀ ନେତାଙ୍କ ଉଦ୍ଭବ ଘଟୁଛି। ମୁମ୍ବାଇ ଫର୍ ମରାଠୀ ଶବ୍ଦରେ ହିନ୍ଦୁସ୍ତାନ ସ୍ତବ୍ଧ ହୋଇଯାଇଛି। ତେଣୁ ଏ ପ୍ରକାର ଅବ୍ୟବସ୍ଥାରୁ ରକ୍ଷାପାଇବାକୁ ହେଲେ ମାତୃଭାଷାରେ ଶିକ୍ଷାଦାନ ନିତାନ୍ତ ଜରୁରୀ। ମଣିଷ ନିଜ ସ୍ୱାଭିମାନକୁ ନେଇ ବଂଚେ। ମାତୃଭାଷା ଆମ ମନର ସେହି ସ୍ୱାଭିମାନ ସୃଷ୍ଟି କରେ। ଏହାକୁ ଉଜ୍ଜୀବିତ କରିବା ଏକାନ୍ତ କାମ୍ୟ।

***"ଲେଖିବା ଓଡ଼ିଆ ପଢିବା ଓଡ଼ିଆ କହିବା ଓଡ଼ିଆ କଥା/ବିଶ୍ୱଦରବାରରେ ଉନ୍ନତ କରି ଚାଲିବ ନିଜର ମଥା।"***

***ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ, ବାସୁଦେବପୁର, ଭଦ୍ରକ, ମୋ-୯୪୩୮୪୬୭୦୭୯***




# ମହାନ ସ୍ୱାଧୀନତା ସଂଗ୍ରାମୀ ଡ. ହେଡ଼ଗେୱାର

ସର୍ବେଶ୍ୱର ବେହେରା



ଭାରତୀୟ ସାମାଜିକ, ରାଜନୈତିକ, ଶୈକ୍ଷିକ ଓ ସାଂସ୍କୃତିକ ଜଗତରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ତାର ଲକ୍ଷ୍ୟ-ସିଦ୍ଧାନ୍ତ-କାର୍ଯ୍ୟପଦ୍ଧତି ଏବେ ବହୁଚର୍ଚ୍ଚିତ ହୋଇଛି। କୌଣସି ସଙ୍ଗଠନର ସାମାଜିକ, ଦର୍ଶନ, ରାଜନୈତିକ ଦୃଷ୍ଟିକୋଣ ସଙ୍ଗଠନାତ୍ମକ ସଂସ୍କୃତିକୁ ହୃଦବୋଧ କରିବା ପାଇଁ ସେହି ସଙ୍ଗଠନର ପ୍ରତିଷ୍ଠାତାଙ୍କ ଜୀବନୀ ଓ ବୈଚାରିକ ଦିଗରେ ସମ୍ବନ୍ଧରେ ଜାଣିବା ଆବଶ୍ୟକ। ସଂଘ ତାର ସମକାଳୀନ ହିନ୍ଦୁ ସଙ୍ଗଠନଠାରୁ କିପରି ଭିନ୍ନ ଥିଲା, ତା'ର ବୈଚାରିକ ପୃଷ୍ଠଭୂମି ଓ ବୌଦ୍ଧିକ ଦୃଷ୍ଟିକୋଣର ମର୍ମକୁ ଡ. କେଶବ ବଳୀରାମ ହେଡ଼ଗେୱାରଙ୍କ ଜୀବନ ପ୍ରସଙ୍ଗ ଏବଂ ସମଗ୍ର ଦୃଷ୍ଟିକୋଣ ନ ଜାଣିଲେ ହୃଦୟଙ୍ଗମ କରିହେବ ନାହିଁ। ସଂଘର ବୈଚାରିକ ସିଦ୍ଧାନ୍ତ ସହିତ ତା'ର ପ୍ରତିଷ୍ଠାତାଙ୍କ ଜୀବନୀ ଓ ବିଚାର ପ୍ରତି ଅଜ୍ଞାନତା ଅନେକ ବିଭ୍ରାନ୍ତି ସୃଷ୍ଟି କରୁଛି। ଏଥିପାଇଁ କୌଣସି ବିଚାରର ପ୍ରକୃତ ମୂଲ୍ୟାଙ୍କନ ହୋଇପାରୁନାହିଁ। ଡ. ହେଡ଼ଗେୱାରଙ୍କ ସମ୍ବନ୍ଧରେ ମଧ୍ୟ ବିଭିନ୍ନ ପ୍ରକାର ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ତନ୍ମଧ୍ୟରୁ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ଅଲିପ୍ତ ରହିବା ମୁଖ୍ୟ ବିଷୟ। ଏହା ସଂଘ ପ୍ରତି ଅସୂୟା ପ୍ରଣୋଦିତ ହୋଇଥିବା ବ୍ୟକ୍ତିମାନଙ୍କର ଦୁଷ୍ପ୍ରଚାର। ଡ. ହେଡ଼ଗେୱାର ୧୮୮୯ ମସିହା ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଏପ୍ରିଲ ୧ ତାରିଖରେ ମହାରାଷ୍ଟ୍ରର ନାଗପୁରରେ ଜନ୍ମଗ୍ରହଣ କରିଥିଲେ। ସେ ବାଲ୍ୟକାଳରୁ ଦେଶଭକ୍ତ ଥିଲେ। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସମୟରେ ବନ୍ଦେ ମାତରମ୍ ଆନ୍ଦୋଳନରେ ସକ୍ରିୟ ହୋଇ ବିଦ୍ୟାଳୟରୁ ବହିଷ୍କୃତ ହୋଇଥିଲେ। ପରେ ସେ କୋଲକାତାଠାରେ ଡାକ୍ତରୀ ବିଦ୍ୟା ଶିକ୍ଷା କରୁଥିବା ସମୟରେ ବିଶିଷ୍ଟ ବୈପ୍ଳବିକ ସଙ୍ଗଠନ 'ଅନୁଶୀଳନ ସମିତି'ର ସକ୍ରିୟ ସଦସ୍ୟ ହୋଇଥିଲେ। ନିଜର ଛଦ୍ମନାମ 'କୋକେନ' ରଖି ସେ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର କାର୍ଯ୍ୟାନୁଷ୍ଠାନ କରିଥିଲେ। ବୈପ୍ଳବିକ କାର୍ଯ୍ୟ ସହିତ ଡାକ୍ତରୀ ବିଦ୍ୟା ମଧ୍ୟ ସମାନ୍ତରାଳ ଭାବେ ଜାରି ରଖିଥିଲେ। ୧୯୧୪ ମସିହାରେ ସେ କୃତିତ୍ୱର ସହିତ ଏମ.ବି.ବିଏସ ଉତ୍ତୀର୍ଣ୍ଣ ହୋଇଥିଲେ। ଢ଼ାକାଠାରେ ତାଙ୍କୁ ସରକାରୀ ଡାକ୍ତରୀ ପଦବୀ ପାଇଁ ନିଯୁକ୍ତିପତ୍ର ଆସିଥିଲା। ତାହାକୁ ସେ ବିନମ୍ରତାର ସହ ପ୍ରତ୍ୟାଖ୍ୟାନ କରି ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ଡ. ହେଡ଼ଗେୱାର ନାଗପୁରକୁ ପ୍ରତ୍ୟାବର୍ତ୍ତନ କରି ତତ୍କାଳୀନ ଜାତୀୟ କଂଗ୍ରେସର ସଦସ୍ୟ ଓ କାର୍ଯ୍ୟକର୍ତ୍ତା ହୋଇ କାର୍ଯ୍ୟ କରିଥିଲେ। ତାଙ୍କର ସଙ୍ଗଠନ କଳା, ବାକ୍‌ପଟୁତା ଓ କାର୍ଯ୍ୟଦକ୍ଷତା ଯୋଗୁଁ ସେ କଂଗ୍ରେସରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇପାରିଥିଲେ। ୧୯୨୦ ମସିହା ଡିସେମ୍ବର ୨୦ ତାରିଖରେ କଂଗ୍ରେସର ବିଂଶତମ ଅଧିବେଶନ ନାଗପୁରଠାରେ ହୋଇଥିଲା। ସେହିବର୍ଷ ଅଗଷ୍ଟ-୧ ତାରିଖରେ ମହାରାଷ୍ଟ୍ରର ଅଦ୍ୱିତୀୟ କଂଗ୍ରେସ ନେତା ବାଳ ଗଙ୍ଗାଧର ତିଳକଙ୍କ ଦେହାନ୍ତ ହୋଇଥିଲା। ତିଳକଙ୍କ ପରି ଜଣେ ବୈପ୍ଳବିକ ନେତା କଂଗ୍ରେସର"ସଭାପତି ଆସନ ଅଳଙ୍କୃତ କରନ୍ତୁ, ଏହା ଡ. ହେଡ଼ଗେୱାରଙ୍କ ଇଚ୍ଛା ଥିଲା। ଏଣୁ ସେ ନାଗପୁର କଂଗ୍ରେସରେ ମହାଯୋଗୀ ଅରବିନ୍ଦଙ୍କୁ କଂଗ୍ରେସର ଅଧ୍ୟକ୍ଷ ପଦଭାର ଅଳଙ୍କୃତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସମସ୍ତେ ଏହାକୁ ଅନୁମୋଦନ କରିଥିଲେ। ଡ. ହେଡ଼ଗେୱାର ଓ ଡ. ମୁଞ୍ଜେ ପଣ୍ଡିଚେରୀ ଆଶ୍ରମ ଯାଇ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରି କଂଗ୍ରେସର ପଦଭାର ଅଳଙ୍କୃତ କରିବା ପାଇଁ ଅନୁରୋଧ କରିଥିଲେ। ୧୯୧୦ ମସିହାରୁ ଶ୍ରୀ ଅରବିନ୍ଦ ସକ୍ରିୟ ରାଜନୀତିରୁ ସନ୍ନ୍ୟାସ ନେଇ ପଣ୍ଡିଚେରୀଠାରେ ସାଧନା କରୁଥିଲେ। ଶ୍ରୀ ଅରବିନ୍ଦ ଡ. ହେଡ଼ଗେୱାରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ଓ ସେ ପୁନଃ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ଡ. ହେଡ଼ଗେୱାରଙ୍କ ଏହି ପଦକ୍ଷେପ ତତ୍କାଳୀନ କଂଗ୍ରେସ ପାଇଁ ମାଇଲଖୁଂଟ ସାବ୍ୟସ୍ତ ହୋଇଥିଲା। ଯଦି ଶ୍ରୀ ଅରବିନ୍ଦ ସକ୍ରିୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତେ ତେବେ କଂଗ୍ରେସର ଦୃଶ୍ୟପଟ୍ଟ ପରିବର୍ତ୍ତନ ହୋଇଥାନ୍ତା। ନାଗପୁର କଂଗ୍ରେସ ଅଧିବେଶନରେ ଡ. ହେଡ଼ଗେୱାର ପ୍ରସ୍ତାବ ସମିତିର ସଦସ୍ୟ ଥିଲେ। ସେ ଦୁଇଟି ପ୍ରସ୍ତାବ ଆଗତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ପ୍ରଥମରେ ଇଂରେଜ କବଳରୁ ଭାରତକୁ ମୁକ୍ତ କରି ଗଣତନ୍ତ୍ର ପ୍ରତିଷ୍ଠା କରିବା ଓ ଦ୍ୱିତୀୟରେ ସମଗ୍ର ବିଶ୍ୱରେ ପୁଞ୍ଜିବାଦ ସମାପ୍ତ କରିବା। କିନ୍ତୁ ଦୁର୍ଭାଗ୍ୟର କଥା ଏହି ଦୁଇଟି ପ୍ରସ୍ତାବକୁ କଂଗ୍ରେସର କାର୍ଯ୍ୟ ସମିତି ସ୍ୱୀକାର କରିନଥିଲା। ୧୯୨୧ ମସିହାରେ ଇଂରେଜମାନେ ଡ. ହେଡ଼ଗେୱାରଙ୍କୁ ରାଜଦ୍ରୋହ ଅପରାଧରେ ଗିରଫ କରିଥିଲେ। ତାଙ୍କ ଉପରେ ଫୌଜଦାରୀ ଦଣ୍ଡ ସଂହିତା ଧାରା ୧୦୮ ଅନ୍ତର୍ଗତ ମୋକଦ୍ଦମା ରୁଜୁ କରାଯାଇଥିଲା। କଂଗ୍ରେସର ବିଦର୍ଭ ପ୍ରାନ୍ତର ସାଧାରଣ ସମ୍ପାଦକ ରୂପେ ସେ ଇଂରେଜ ବିରୁଦ୍ଧରେ ସାଧାରଣ ସଭାଗୁଡ଼ିକରେ ଯେଉଁ ଭାଷଣ ଦେଇଥିଲେ ତାହା ରାଜଦ୍ରୋହ ରୂପେ ପରିଗଣିତ ହୋଇଥିଲା। ନ୍ୟାୟାଳୟରେ ସେ କୌଣସି ଓକିଲ ନିଯୁକ୍ତ ନ କରି ନିଜେ ଜବାବ ସୁଆଲ କରିଥିଲେ। ଇଂରେଜ ବିଚାରପତି ସ୍କେଲିଙ୍କ ଅଦାଲତରେ ସେ ନିଜ ସପକ୍ଷରେ ଯୁକ୍ତି ରଖି ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ କଟାକ୍ଷ କରିଥିଲେ ତାହା ଶୁଣି ବିଚାରପତି ସ୍କେଲି ଚକିତ ହୋଇଯାଇଥିଲେ। ଇଂରେଜ ବିଚାରପତି ନିଜ ରାୟରେ ଘୋଷଣା କରିଥିଲେ ଯେ ଡ. ହେଡ଼ଗେୱାରଙ୍କ ଭାଷଣ ଶୁଣିବା ପରେ ମନେ ହେଉଛି ତାଙ୍କ ବିରୋଧରେ ରାଜଦ୍ରୋହ ମୋକଦ୍ଦମା ରୁଜୁ ହେବା ଯଥାର୍ଥ। ଏଣୁ ସେ ଅଗଷ୍ଟ ୧୯ ତାରିଖ ଦିନ ଡ.ହେଡ଼ଗେୱାରଙ୍କୁ ଏକବର୍ଷ ସଶ୍ରମ କାରାବାସ ଦଣ୍ଡ ଘୋଷଣା କରିଥିଲେ। ଡ. ହେଡ଼ଗେୱାର ମଧ୍ୟପ୍ରାନ୍ତର ତତ୍କାଳୀନ ସମସ୍ତ ବିଚାର ପ୍ରବାହରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ୧୯୨୪ ମସିହାରେ ସେ ନାଗପୁରରୁ 'ସ୍ୱାତନ୍ତ୍ର' ନାମକ ପତ୍ରିକାର ସମ୍ପାଦକ ରୂପେ ନିଯୁକ୍ତ ହୋଇଥିଲେ। ତାଙ୍କର ସମ୍ପାଦନାରେ ସ୍ୱାତନ୍ତ୍ର ପତ୍ରିକାରେ ବିପ୍ଳବୀମାନଙ୍କୁ ପ୍ରଶଂସା ଓ ଇଂରେଜମାନଙ୍କ ଅତ୍ୟାଚାରର କାହାଣୀ ନିୟମିତ ପ୍ରକାଶ ପାଇଲା। ଫଳରେ ଇଂରେଜମାନଙ୍କ କୋପଦୃଷ୍ଟିର ଶିକାର 'ସ୍ୱାତନ୍ତ୍ର୍ୟ' ହେଲା। ସମ୍ବାଦପତ୍ର କାର୍ଯ୍ୟାଳୟକୁ ସିଲ କରିଦିଆଗଲା। କିନ୍ତୁ ନାଗପୁରର ଜନସାଧାରଣ ଡ. ହେଡ଼ଗେୱାରଙ୍କୁ ସାଲିସବିହୀନ ନେତା ଓ ସାମ୍ରାଜ୍ୟବାଦ ବିରୋଧୀର ପ୍ରଖର ପ୍ରବକ୍ତା ରୂପେ ପରିଗଣିତ



କରୁଥିଲେ। ୧୯୨୫ ମସିହା ବିଜୟାଦଶମୀ ତିଥିରେ ଡ. ହେଡ଼ଗେୱାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ। ବହୁ ସାମାଜିକ-ରାଜନୈତିକ-ସାଂସ୍କୃତିକ ସଙ୍ଗଠନର କାର୍ଯ୍ୟକର୍ତ୍ତା ହୋଇ ଅନୁଭବ କଲେ ଯେ ବ୍ୟକ୍ତି ରାଷ୍ଟ୍ରର ପ୍ରଥମ ଘଟକ। ଯେ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମନରେ ରାଷ୍ଟ୍ରପ୍ରେମର ପବିତ୍ର ଭାବନା ଉଦ୍ରେକ ନ ହେବ, ସେ ପର୍ଯ୍ୟନ୍ତ ବିଶୁଦ୍ଧ ରାଷ୍ଟ୍ରୀୟତାର କଳ୍ପନା କରିହେବ ନାହିଁ। ବ୍ୟକ୍ତି ଚରିତ୍ରବାନ ଓ ସଂସ୍କାରଯୁକ୍ତ ହେଲେ ରାଷ୍ଟ୍ର ସୁଦୃଢ଼ ହେବ। ସାଂସ୍କୃତିକ ରାଷ୍ଟ୍ରବାଦର ବହୁ ଚିନ୍ତକ, ମହାନ ଭାରତୀୟ ଚିନ୍ତନ ପରମ୍ପରା ଓ ଜ୍ଞାନର ଭଣ୍ଡାର ମହଜୁଦ ଥିଲେ ମଧ୍ୟ ବ୍ୟକ୍ତି ମନରେ ସଂକୀର୍ଣ୍ଣତା ଓ ସ୍ୱାର୍ଥପରତା ସର୍ବଦା ରହୁଥିଲା। ଡ. ହେଡ଼ଗେୱାଙ୍କର ବ୍ୟକ୍ତିର ମନରେ ରାଷ୍ଟ୍ରୀୟତାର ଭାବନାର ଅଭାବ ପରିଲକ୍ଷିତ କରିଥିଲେ। ଏଣୁ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ରାଷ୍ଟ୍ରୀୟତାର ଭାବନା ଉଦ୍ରେକ କରିବା ସହିତ ରାଷ୍ଟ୍ରୀୟତାର ସଂସ୍କାର ଦେବା ପାଇଁ ସଂଘର ଶାଖା ଆରମ୍ଭ କରିଥିଲେ। କ୍ରମଶଃ ସଂଘର ଶାଖା ନାଗପୁରରୁ ମହାରାଷ୍ଟ୍ର ବ୍ୟାପି ଓ ଦେଶବ୍ୟାପି ହେଲା। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଲକ୍ଷ୍ୟ ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ଥିବା ସମୟରେ ତାତ୍କାଳିକ ଲକ୍ଷ୍ୟ ରାଷ୍ଟ୍ରର ସ୍ୱାଧୀନତା ଥିଲା। ଏଣୁ ଡ. ହେଡ଼ଗେୱାର ସ୍ୱୟଂସେବକମାନଙ୍କୁ କଂଗ୍ରେସ ଦ୍ୱାରା ଆୟୋଜିତ ସମସ୍ତ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜେ ମଧ୍ୟ ୧୯୩୦ ମସିହାରେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସରସଂଘଚାଳକ ପଦଭାର ଡ. ପରାଞ୍ଜପେଙ୍କୁ ଅର୍ପଣ କରି ସେ ଜଙ୍ଗଲ ସତ୍ୟାଗ୍ରହ କରିଥିଲେ। ୧୯୩୦ ଜୁଲାଇ ୨୧ ତାରିଖରେ ତାଙ୍କୁ ଗିରଫ କରାଯାଇ ଆପରାଧିକ ଦଣ୍ଡ ସଂହିତା ୧୧୭ ଧାରା ଅନ୍ତର୍ଗତ ୬ମାସ ଓ ୩୭୯ ଧାରା ଅନ୍ତର୍ଗତ ତିନିମାସ ଏହିପରି ମୋଟ ୯ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ସଂଘର ମୁଖ୍ୟ ଜେଲରେ ଥିବା ସମୟରେ ସ୍ୱୟଂସେବକମାନେ ଇଂରେଜ ବିରୁଦ୍ଧରେ ଜନଜାଗରଣ ତୀବ୍ରଗତିରେ ଜାରି ରଖିଥିଲେ। ବହୁ ସ୍ୱୟଂସେବକ ମଧ୍ୟ ଗିରଫ ହୋଇଥିଲେ। ଡ. ହେଡ଼ଗେୱାର ନିଜର ଓ ସଙ୍ଗଠନର ସାମୂହିକ ବ୍ୟବହାରରେ ପ୍ରମାଣିତ କରିଥିଲେ ଯେ ଦେଶଭକ୍ତି, ରାଜନୈତିକ ଚେତନାରୁ ଅଧିକ ସାଂସ୍କୃତିକ ଚେତନାରେ ପ୍ରଭାବିତ ହୋଇଥାଏ। ଏଣୁ ସଂଘ ରୂପକ ଗୋଟିଏ ଅଣରାଜନୈତିକ ସଙ୍ଗଠନ ସ୍ୱାଧୀନତା ଆନ୍ଦୋଳନରେ ଯେଉଁପରି ସମର୍ପଣ ଭାବନା ପ୍ରଦର୍ଶନ କରିଥିଲା ତାହା ଡ. ହେଡ଼ଗେୱାରଙ୍କ କାର୍ଯ୍ୟଦକ୍ଷତାର ସାର୍ଥକତା ଥିଲା।

***-ଆଡ଼ଭୋକେଟ, ଖଟବିନସାହି, କଟକ, ମୋ-୯୪୩୭୦୧୬୩୮୪***




# ଜୀବିକାର ରାହା ଯୋଗାଇଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଡଲାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ିନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ରଃ ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉଃ ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବିର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ରଃ ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉଃ ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ରଃ ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉଃ ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ରଃ ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉଃ ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ରଃ ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉଃ ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**– ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**– ପ୍ରକାଶ ପଲେଇ, ବଡଲାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**– ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

# ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।

**ଉପକାରିତା –**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି



କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡ଼େନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।



ସୁତରାଂ ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡ଼େନିଙ୍‌ଗ ରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।

# ଆର୍ଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡ଼ବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଡ଼ାଙ୍ଗରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀକୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# ବିଶ୍ୱ ଅଟିଜିମ ସଚେତନତା ଦିବସ






ପ୍ରତିବର୍ଷ ୨ ଏପ୍ରିଲରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳିତ ହୋଇଥାଏ। ଏହି ଦିନକୁ ଅନ୍ତଜାତୀୟ ସ୍ତରରେ ବିଶ୍ୱ ଅଟିଜିମ ସ୍ୱୀକୃତ ଦିବସ ଭାବେ ମାନ୍ୟତା ମିଳିଛି। ଯାହାଫଳରେ ସାରା ବିଶ୍ୱବାସୀ ଅଟିଷ୍ଟିକ୍ ଲୋକମାନଙ୍କୁ ଗ୍ରହଣ କରିବା ସହଜ ହେବ। ପ୍ରଥମେ ସଂଯୁକ୍ତରାଷ୍ଟ୍ର ସାଧାରଣ ପରିଷଦ ପକ୍ଷରୁ ଏହି ଦିବସ ପାଳନର ଯୋଜନା କରାଯାଇଥିଲା। ୧ ନଭେମ୍ବର, ୨୦୦୭ରେ ପରିଷଦର ୱାର୍ଲ୍ଡ ଅଟିଜିମ୍ ସ୍ୱୀକୃତ ଦିବସ ପ୍ରସ୍ତାବ ପାରିତ ହୋଇ ୧୮ ଡିସେମ୍ବର, ୨୦୦୭ରେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବ ପ୍ରଥମେ ସଂଯୁକ୍ତରାଷ୍ଟ୍ରର କାତାର ପ୍ରତିନିଧି ଦ୍ୱାରା ଦିଆଯାଇଥିଲା। ୨ ଏପ୍ରିଲ, ୨୦୦୮ରେ ପ୍ରଥମଥର ପାଇଁ ବିଶ୍ୱ ଅଟିଷ୍ଟିକ୍ ସ୍ୱୀକୃତ ଦିବସ ପାଳନ ପାଇଁ ସଂଯୁକ୍ତରାଷ୍ଟ୍ର ପକ୍ଷରୁ ବାଧ୍ୟତାମୂଳକ କରାଗଲା। ଅଟିଜିମ୍ ହେଉଛି ଏମିତି ଏକ ମାନସିକ ସ୍ଥିତି, ଯାହା ଜନ୍ମବେଳୁ ଆରମ୍ଭ ହୋଇଥାଏ। ଏହାଦ୍ୱାରା ଅନ୍ୟମାନଙ୍କ ସହ କଥାବାର୍ତ୍ତା କରିବା, ସାମାଜିକ ସମ୍ପର୍କ, ସାଧାରଣ ବ୍ୟବହାର ଆଦି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ।

**ଅଟିଜିମ୍:** ଲକ୍ଷଣ ଓ ଚିକିତ୍ସା ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ । ଆମ ଦେଶରେ ପ୍ରାୟ ୫୦ଲକ୍ଷ ପିଲା ଅଟିଜିମ୍ ରୋଗ ଦ୍ୱାରା ପ୍ରଭାବିତ । ଭାରତରେ ଅଟିଜିମ୍ ରୋଗର ଲକ୍ଷଣ ଓ ଚିକିତ୍ସା ସ ମ୍ବନ୍ଧରେ ସଚେତନତାର ଘୋର ଅଭାବ ରହିଛି । ଯାହା ଫଳରେ ଠିକ୍ ସମୟରେ ଏହି ରୋଗର ଲକ୍ଷଣକୁ ଚିହ୍ନି ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇ ପାରୁନାହିଁ । ମସ୍ତିଷ୍କର ବିକାଶରେ ପ୍ରତିରୋଧ ହୋଇଥିବା ଯୋଗୁଁ ଏ ପ୍ରକାର ରୋଗ ହୋଇଥାଏ । ଏପରି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ। ଆଖିକୁ ଆଖି ସହିତ ମିଳାଏ ନାହିଁ । ଯଦି ତା'ର କିଛି ଜିନିଷ ଦରକାର ତା'ହେଲେ ସେ ପିଲାଟି ମା'ର ହାତକୁ ନେଇ ଜିନିଷଟି ଉପରେ ରଖିଦିଏ । ସେ ଅନ୍ୟ ପିଲାଙ୍କ ସହିତ ମିଶେ ନାହିଁ । ନିଜେ ଏକା ଏକା ବସି ଖେଳେ। ଗୋଟିଏ କଥାକୁ ବାର ମ୍ବାର କହେ ଓ ଗୋଟିଏ କାମକୁ ବାର ମ୍ବାର କରିଥାଏ । ସେ ନିଜେ ନିଜ ଦୁନିଆରେ ରହେ। ଏପରି ପିଲାକୁ ଅନ୍ୟପିଲାଙ୍କ ସହିତ ମିଶିବାକୁ, କଥାବାର୍ତ୍ତା କରିବାକୁ ପ୍ରବର୍ତ୍ତାଇବା ଉଚିତ। କେତେକ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଦେବା ଦରକାର । ଅଟିଜିମ୍ ରୋଗରେ ୧ ବର୍ଷ ବୟସ ସୁଦ୍ଧା ଏହି ଶିଶୁମାନଙ୍କୁ ତାଙ୍କ ନା ଧରି ଡାକିଲେ ସେମାନେ ଜାଣିପାରନ୍ତି ନାହିଁ । ନିଜ ଆଖପାଖ ଲୋକଙ୍କ ସହିତ ମିଳାମିଶା କରନ୍ତି ନାହିଁ ଓ କୌଣସି ଅସ୍ପଷ୍ଟ ଶବ୍ଦ ସୃଷ୍ଟି କରି ପାରନ୍ତି ନାହିଁ । ୧ ରୁ ୩ ବର୍ଷ ବୟସ୍କ ଶିଶୁମାନେ ଅନ୍ୟମାନଙ୍କ ନକଲ କରିପାରନ୍ତି ନାହିଁ, ସବୁବେଳେ ଏକୁଟିଆ କେତେକ ନିର୍ଦ୍ଦିଷ୍ଟ ଖେଳ ହିଁ ଖେଳନ୍ତି । ସେମାନେ ଅନ୍ୟମାନଙ୍କ ଆଖିରେ ଆଖି ମିଳାଇ ପାରନ୍ତି ନାହିଁ । ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାର ଭାଷାର ବିକାଶରେ ଅସୁବିଧା ହୋଇଥାଏ। ସେମାନଙ୍କର ଭାଷାର ବିକାଶ ବିଳ ମ୍ବ ହୋଇପାରେ କି ମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ । ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ । ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନଥାନ୍ତି । ପ୍ରାରମ୍ଭିକ ଅବସ୍ଥାରେ ଅଟିଜିମ୍ ରୋଗର ଲକ୍ଷଣକୁ ଚିହ୍ନି ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ । ଏଥି ନିମନ୍ତେ ମୁଖ୍ୟତଃ ବିଭିନ୍ନ ବ୍ୟବହାରିକ ଚିକିତ୍ସା ପଦ୍ଧତି (ସେନସୋରୀ ଇଣ୍ଟିଗ୍ରେସନ୍ ଥେରାପି ସ୍ପିଚ୍ ଥେରାପି) ସହିତ କେତେକ ଔଷଧ ବ୍ୟବହାର କରାଯାଇଥାଏ । ପିଲାଟିକୁ ଓ ପିଲାଟିର ପରିବେଶକୁ ସବୁବେଳେ ପରିଷ୍କାର ରଖନ୍ତୁ । ମା'ମାନେ ନିଜ ହାତଗୋଡ଼ ପରିଷ୍କାର କରି ପିଲାଟିର କାମ କରନ୍ତୁ । ପିଲାଟିର ଜ୍ଞାନେନ୍ଦ୍ରିୟ ବିକାଶ ପାଇଁ ବିଭିନ୍ନ ରଙ୍ଗର ଖେଳନା ଓ ବିଭିନ୍ନ ବାସନା ଜିନିଷ ଦେବେ । ତାକୁ ଗୀତ ଶୁଣାଇବା, ଶିଖାଇବା, ଡ୍ୟାନ୍ସ୍ ଦେଖାଇବା ଓ ଶିଖାଇବା ଦରକାର। ପିଲାଟି ଭଲ କାମ କଲେ ତାକୁ ସମସ୍ତଙ୍କ ଆଗରେ ପୁରସ୍କାର ଦେବା ଓ ପ୍ରଶଂସା କରିବା ଉଚିତ । ଯଦି ଖରାପ କାମ କରେ ପୁରସ୍କାର ଦେବେନି ଓ ତା'ର ଦେହ ଓ ମନକୁ ବାଧିଲା ପରି ଦଣ୍ଡ ଦେବେନି । ଏହି ଚିକିତ୍ସା ପଦ୍ଧତି ଦ୍ୱାରା ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ । ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ। ପିଲାର ବ୍ୟବହାରିକ ସମସ୍ୟା ନିମନ୍ତେ କେତେକ ଔଷଧ ବ୍ୟବହାର କରାଯାଇଥାଏ । ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଅନେକ ଉନ୍ନତି ଦେଖାଯାଇଥାଏ। ନୂତନ ଭିନ୍ନକ୍ଷମ ଆଇନ୍ ଅନୁସାରେ ଅଟିଜିମ୍ ରୋଗରେ ଆକ୍ରାନ୍ତ ପିଲାମାନଙ୍କୁ ଏବେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି । ଯାହା ଫଳରେ ସେମାନେ ଅନେକ ମାତ୍ରାରେ ଉପକୃତ ହୋଇପାରୁଛନ୍ତି।

**ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ, ମୋବାଇଲ : ୯୧୩୨୪୩୩୩୩୩**

# ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ





ଆଜି ଅନଲାଇନ ଓ ସୋସିଆଲ ମିଡ଼ିଆ ସମୟ ଭିତରେ କେବଳ ପିଲାମାନେ ନୁହଁନ୍ତି ବଡ଼ ମାନଙ୍କ ଭିତରେ ବହି ବା ଖବରକାଗଜ ପଢ଼ିବା ପ୍ରତି ଆବେଗ ଓ ଆଗ୍ରହ କମିଯାଇଛି। ଦିନକୁ ଦିନ ଶିଶୁ ପୁସ୍ତକ ଓ ଶିଶୁ ପତ୍ରିକା ଏକ ପ୍ରକାର ପୃଷ୍ଠପୋଷକତା ଓ ପାଠକୀୟ ଆଦୃତି ବିନା ମୁମୂର୍ଷୁ ହେବାକୁ ବସିଲାଣି। ଆଜି ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ। ୧୮୦୫ ଏପ୍ରିଲ ୨ ତାରିଖରେ ଜନ୍ମ ହୋଇଥିଲେ ବିଶ୍ୱ ପ୍ରସିଦ୍ଧ ଡେନିସ୍ ପରୀ କଥା ଲେଖକ ହାନ୍ସ କ୍ରିଷ୍ଟିଆନ୍ ଆଣ୍ଡରସନ। ତାଙ୍କର ଜନ୍ମ ଦିନକୁ ବିଶ୍ୱ ସ୍ତରରେ ଅନ୍ତର୍ଜାତୀୟ ଶିଶୁ ପୁସ୍ତକ ଦିବସ ଭାବେ ପାଳନ କରାଯାଉଛି। ଆଣ୍ଡରସନ୍ ନିଜର ପ୍ରାୟ ସମସ୍ତ ପ୍ରସିଦ୍ଧ ପରୀ କାହାଣୀ - 'ଦ ଟିନ୍ ସୋଲଜର', 'ଦ ଟିଣ୍ଡରବକ୍ସ', 'ଦ ଅଗଲି ଡକଲିଙ୍ଗ', 'ଦ ଲିଟଲ ମରମେଡ', 'ଦ ସ୍ନୋ କୁଇନ୍' ଆଦି ୧୮୩୫-୭୨ ମଧ୍ୟରେ ରଚନା କରିଥିଲେ। ସେ ଡେନ୍‌ମାର୍କର ଓଡେନସରେ ଜନ୍ମ ହୋଇଥିଲେ। ତାଙ୍କ ପିତା ହାନ୍ସ ଏବଂ ମାତା ଆନି ମେରି ଥିଲେ ଅଶିକ୍ଷିତ। ଜୋତା ତିଆରି କରିବା ଥିଲା ହାନ୍ସଙ୍କ ପେସା। ଆନି ଥିଲେ ପେସାରେ ରଜକୀ। ଆଣ୍ଡରସନ୍ ଅଳ୍ପ ବିଦ୍ୟା ଶିକ୍ଷା ପରେ ଏଗାର ବର୍ଷ ବୟସରେ ଲୁଗା କଳ ଶ୍ରମିକ ଭାବେ ପେସାଦାର ଜୀବନ ଆରମ୍ଭ କରିଥିଲେ। ତାହା ପରେ ସିଗାରେଟ ତିଆରି କାରଖାନା। ଅଭିନେତା ବା ଗାୟକ ହେବା ଥିଲା ତାଙ୍କର ଅଭିଳାଷ। ତେବେ ସାର୍ ୱାଲଟର ସ୍କଟ୍‌ଙ୍କ ହାର୍ଟ ଅଫ ମିଡ୍‌ଲୋଥିଆନ୍ ପଢ଼ିବା ପରେ ଲେଖା ଲେଖି ପ୍ରତି ଆଗ୍ରହୀ ହୋଇଥିଲେ। ଦ ଡାଇଙ୍ଗ ଚାଇଲଡ୍ କବିତା ସଙ୍କଳନ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ। ପ୍ରଥମେ ବୟସ୍କଙ୍କ ପାଇଁ ଗଳ୍ପ, ଉପନ୍ୟାସ, କବିତା, ମଞ୍ଚନାଟକ, ଭ୍ରମଣ କାହାଣୀ ଆଦି ଲେଖୁଥିଲେ। ପରେ ଶିଶୁ ସାହିତ୍ୟ ଆଡ଼କୁ ମନ ବଳାଇ ଅଧିକ ସଫଳତା ଲାଭ କରିଥିଲେ। ଆଣ୍ଡରସନ୍‌ଙ୍କ ସଂପର୍କରେ ଏକ ଉଲ୍ଲେଖନୀୟ କଥା ହେଲା ସେ ଠିକ୍ ବନାନ ଲେଖିପାରୁ ନଥିଲେ। ନିଆଁକୁ ଡରୁଥିଲେ। ଆଜୀବନ ଅବିବାହିତ ରହିଥିବା ଆଣ୍ଡରସନ୍ କର୍କଟାକ୍ରାନ୍ତ ହୋଇ ୧୮୭୫ରେ ମୃତ୍ୟୁବରଣ କରିଥିଲେ।

**ନାଟ୍ୟସାରଥି ଅଭୟ କୁମାର ଦାସ,**
ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭

# ରାଜ୍ୟ ପୌର ନିର୍ବାଚନ ପାଇଁ ନାଗରିକ ସନନ୍ଦ ୨୦୨୨ ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ସହଭାଗୀ ବିକାଶ ମଞ୍ଚ ଉଦ୍ୟମରେ ସି.ଏସ୍.ଏନ୍.ଆର୍. ଏକତା ପରିଷଦ, ଅଣ ସଂଗଠିତ ଶ୍ରମିକ ମଞ୍ଚ, ନାଗରିକ ଇସ୍ତାହାର କମିଟି ଏବଂ ଓଡ଼ିଶା ଶ୍ରମଜୀବୀ ମଞ୍ଚର ମିଳିତ ଉଦ୍ୟମରେ ଓଡ଼ିଶା ପୌର ନିର୍ବାଚନ ୨୦୨୨ ପରିପ୍ରେକ୍ଷୀରେ "ନାଗରିକ ସନନ୍ଦ" ଉପରେ ଜନବାର୍ତ୍ତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ମେୟର ପ୍ରାର୍ଥୀ ଏବଂ ୱାର୍ଡ଼ ସଦସ୍ୟମାନେ ଯୋଗଦେଇ ଭୁବନେଶ୍ୱର ମହାନଗର ବାସିନ୍ଦାମାନଙ୍କ ବହୁବିଧ ସମସ୍ୟା ସମାଧାନ ଉପରେ ନିଜର ମତାମତ ରଖିଥିଲେ।

ପ୍ରତ୍ୟେକ ସାହି ଓ ବସ୍ତିର ସାମଗ୍ରିକ ବିକାଶ ପାଇଁ ଜମି ପଟ୍ଟା ପ୍ରଦାନ, ବାସଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା, ରାସ୍ତା, ଜଳ ନିଷ୍କାସନ, ବିପର୍ଯ୍ୟୟ ଅନୁକୂଳ ଭିତ୍ତିଭୂମି ବିକାଶ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ସମସ୍ତ ସାହିରେ ଅଙ୍ଗନୱାଡ଼ି ଗୃହ ନିର୍ମାଣ, ଯୁବଗୋଷ୍ଠୀ ଓ ମହିଳା ସଶକ୍ତିକରଣ ନିମନ୍ତେ ମହିଳା ଉଦ୍ୟୋଗ ସଂଚାଳନ ଗୃହ ଏବଂ ବିନା ସୁଧରେ ଆର୍ଥିକ ସହାୟତା, ଗୋଷ୍ଠୀ ପାଠାଗାର, ଆଲୋକୀକରଣ, ଗୋଷ୍ଠୀ ଶୌଚାଳୟ, ଗୋଷ୍ଠୀ ଶିକ୍ଷାକେନ୍ଦ୍ର, ଉଠାଦୋକାନୀଙ୍କୁ ଆର୍ଥିକ ସହାୟତା ଏବଂ ଟାଉନ୍ ଭେଣ୍ଡିଂ କମିଟି ଗଠନ ଏବଂ ସମସ୍ୟା ସମାଧାନ, ଦିବ୍ୟାଙ୍ଗ ଏବଂ କିନ୍ନରମାନଙ୍କ ପାଇଁ ଭେଣ୍ଡିଂ ଜୋନ୍‌ରେ ସ୍ଥାନ ସଂରକ୍ଷଣ, ଶ୍ରମିକ ଏବଂ ଘରୋଇ ଶ୍ରମିକ ପାଇଁ ଉପଯୁକ୍ତ ମଜୁରୀ ସହିତ ସୁରକ୍ଷା ବ୍ୟବସ୍ଥା, ମହିଳା ଓ ଶିଶୁ ସୁରକ୍ଷା ଓ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ତଥା ସାମାଜିକ ସୁରକ୍ଷା ଯୋଜନାରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା।

ମ୍ୟୁନିସିପାଲିଟି ସ୍ତରରେ ଜଳବାୟୁରେ ପରିବର୍ତ୍ତନ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା ସହିତ ସହରାଞ୍ଚଳ ବନୀକରଣ, ପୁରାତନ ଜଳ ଉତ୍ସ, ପୋଖରୀ ଏବଂ ଗଙ୍ଗୁଆ ନଦୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଏବଂ ଜଳ ବିଶୋଧନ ଉପରେ ଗୁରୁତ୍ୱ ଦେବା। ବ୍ୟାପକ ସୌରଶକ୍ତି ଉତ୍ପାଦନ ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ସରକାରୀ ଓ ବେସରକାରୀ ପାଇଁ ୭୪ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ମହଲା ସଭା ଏବଂ ୱାର୍ଡ଼ କମିଟି ଗଠନ ମାଧ୍ୟମରେ ଜନସହଭାଗୀଦାରି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ, ରୂପାୟନ, ସଂଯୋଜନା ଦ୍ୱାରା ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ୱାର୍ଡ଼ ସ୍ତରରେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ଗ୍ରହଣ କରାଯାଉ। ସହରାଞ୍ଚଳରେ ଆର୍ଥିକ ଅନଗ୍ରସର ବର୍ଗ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରଙ୍କୁ ଜମି ଅଧିକାର ଅନ୍ତତଃ ୧୦୦୦ ବର୍ଗଫୁଟ ଜମି ପ୍ରଦାନ ସହିତ ବାସଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ। ସହରକୁ ନିଶାମୁକ୍ତ କରିବା ସହିତ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ମାନବାଧିକାର ପ୍ରତି ସଚେତନ ରହୁ 'ସହରରେ ସମସ୍ତଙ୍କ ଅଧିକାର' ଏହା ସୁନିଶ୍ଚିତ କରିବା ଏବଂ ସ୍ୱଚ୍ଛ, ନିଶାମୁକ୍ତ, ପରିମଳ ଓ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ଗୁରୁତ୍ୱ ପ୍ରଦାନ କରନ୍ତୁ। ସୁରକ୍ଷା ବ୍ୟବସ୍ଥାର ସୁଧାର ପାଇଁ ପୋଲିସ୍‌କୁ ଉତ୍ତମ ବ୍ୟବହାର ସହିତ ଲୋକାଭିମୁଖୀ କରିବା ଉଚିତ। ରାଜନୈତିକ ଦଳର ପ୍ରାର୍ଥୀମାନେ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ବିଭିନ୍ନ ଅଞ୍ଚଳର ସାହି ନେତୃତ୍ୱମାନେ ନାଗରିକ ଅଧିକାର ସନନ୍ଦ ଜରିଆରେ ଦାବି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧୀରେନ୍ଦ୍ର କୁମାର ପଣ୍ଡା, ସୁଦର୍ଶନ ଛୋଟରାୟ, ବିଜୟ ପ୍ରଧାନ, ଉଷାରାଣୀ ବେହେରା, ସଦାଶିବ ସ୍ୱାଇଁ, ମେଘନା ସାହୁ, ସନ୍ଦୀପ ପଟ୍ଟନାୟକ, ଗଦାଧର ପ୍ରଧାନ, ଅରୁଣ ଦିହୁଡ଼ି, ବସନ୍ତ ପାଣିଗ୍ରାହୀ, ଅରୁଣ ସ୍ୱାଇଁ, ରଙ୍ଗାଚରଣ ସାହୁ, ଆମ୍ ଆଦ୍‌ମୀ ପାର୍ଟି, ରାଜେଶ୍ୱରୀ ବିଶ୍ୱାଳ, ମେୟର ପ୍ରାର୍ଥୀ ଯୋଗେନ୍ଦ୍ର ଡାକୁଆ, ବଶିଷ୍ଠ ଗାନ୍ଧୀବାଦୀ ପଦ୍ମଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଚ୍ଚିକାନ୍ତ ପ୍ରଧାନ ଓ ପ୍ରଭାସିନୀ ରାଉତ ସଂଯୋଜନା କରିଥିଲେ।

# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଚାଉଳ ପାଇଁ ଡିଲରଙ୍କୁ ଘେରିଲେ ମହିଳା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଂଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଖାଉଟି ସାମଗ୍ରୀ ପାଇଁ ପଂଚାୟତର ଡିଲର କଳ୍ପନା ସ୍ୱାଇଁଙ୍କୁ ଶତାଧିକ ମହିଳା ଘେରିଥିଲେ। କେନ୍ଦ୍ର ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ଆସୁଥିବା ମାଗଣା ଚାଉଳ ବା ଗହମ ମୁଣ୍ଡ ପିଛା ୫କେଜି ଲେଖାଏଁ ଦିଆଯାଉଅଛି। ସେହିପରି ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ଯୋଜନାରେ ମାସକୁ ୧ଟଙ୍କା ମୂଲ୍ୟରେ ୫କେଜି ଚାଉଳ ବା ଗହମ ଦିଆଯାଉଅଛି। ମାତ୍ର ସଂପୃକ୍ତ ଡିଲର ଖାଉଟିମାନଙ୍କୁ ଗତ ଜାନୁଆରୀ ଓ ଫେବୃଆରୀ ମାସର ଖାଉଟି ସାମଗ୍ରୀ ନଦେଇ ମାର୍ଚ୍ଚ ମାସର ସାମଗ୍ରୀ ଦେଉଥିଲେ। ଗତ ୨ ମାସର ସାମଗ୍ରୀ କାହିଁକି ଦିଆଯାଉନାହିଁ ବୋଲି ଖାଉଟିମାନେ ସଂପୃକ୍ତ ଡିଲରଙ୍କୁ ପ୍ରଶ୍ନ କରିବାରୁ ଏଥିନେଇ ପାଟିତୁଣ୍ଡ ଓ ମାରପିଟ ହୋଇଥିଲା। ଯାହାଫଳରେ ଗ୍ରାମର ଶତାଧିକ ମହିଳା ଡିଲରଙ୍କୁ ଘେରିଥିଲେ। ଏହାକୁ କେନ୍ଦ୍ର କରି ଗ୍ରାମର ସରସ୍ୱତୀ ମହାନ୍ତି, ବାସନ୍ତୀ ଜେନା, ସୁକାନ୍ତି ଖଟୁଆ, ସାବିତ୍ରୀ ଦାସ, ପଦ୍ମିନୀ ମହାରଣା, ପବିତ୍ରା ଦାସ, ଦେବକୀ ମହାନ୍ତି, ସସ୍ମିତା ଦାସଙ୍କ ସମେତ ବହୁ ମହିଳା ୨ ମାସର ଚାଉଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ସଂପୃକ୍ତ ଡିଲର ମଧ୍ୟ ଥାନାରେ ଏକ ପାଲଟା ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

# ଯାଜପୁର ବରାହନାଥ ପୀଠରେ ବରାହଜୀଉ ଉନ୍ନୟନ କମିଟି ପକ୍ଷରୁ ବାଲିମେଲଣ

ଯାଜପୁର (ପିଏନ୍): ଯାଜପୁରର ପବିତ୍ର ବରାହନାଥ ପୀଠ ତଥା ବାରୁଣୀ ପଡ଼ିଆ ଠାରେ ବରାହଜୀଉ ଉନ୍ନୟନ କମିଟି ତରଫରୁ ବାଲିମେଲଣ ଅନୁଷ୍ଠିତ ହୋଇଯାଇଛି। ଏହି ମେଲଣ ଉପଲକ୍ଷେ ପ୍ରାୟ ୯୯ ବିମାନରେ ରାଧାକୃଷ୍ଣଙ୍କ ସୁସଜ୍ଜିତ ଯୁଗଳ ମୂର୍ତ୍ତିଙ୍କୁ ବାଜା, ବାଣ, ରୋଷଣୀ ସହକାରେ ସନ୍ଧ୍ୟା ପରେ ପରେ ଯାଜପୁର ତଥା ଭଦ୍ରକ ଜିଲ୍ଲାରୁ ଶହ ଶହ ଶ୍ରଦ୍ଧାଳୁମାନେ ପଟୁଆରେ ଆସି ମେଲଣ ପଡ଼ିଆରେ ପହଞ୍ଚିଥିଲେ। ମେଲଣ କମିଟି ତରଫରୁ ସମସ୍ତ ବିମାନଗୁଡ଼ିକୁ ଅର୍ଚ୍ଚନା କରାଯିବା ସହିତ ଅବିର, ଫୁଲମାଳ, ଭୋଗ, ଧୂପ, କର୍ପୂର ତଥା ଶାସନମାନ୍ୟ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କର ବସିବା ପାଇଁ ସଦୃଶ ତୋରଣମାନ ନିର୍ମାଣ କରାଯାଇଥିଲା। ସର୍ବପୁରାତନ ଏହି ମେଲଣ ଦେଖିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ନରନାରୀମାନେ ଭକ୍ତିପୂତ ହୃଦୟରେ ମେଲଣ ପଡ଼ିଆରେ ଭିଡ଼ ଜମାଇଥିଲେ। ଉକ୍ତ ପଡ଼ିଆରେ ବିଭିନ୍ନ ପ୍ରକାର ବିପଣିକମାନେ ବସିଥିଲେ। ସାଂସ୍କୃତିକ ଚେତନା ଓ ଧାର୍ମିକ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ମେଲଣ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଦର୍ଶକମାନଙ୍କ ମନୋରଞ୍ଜନ ନିମନ୍ତେ ସୁବନ୍ଦୋବସ୍ତ କରାଯାଇଥିଲା। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା'ବିରଜା, ବରାହନାଥ ଓ ସୂର୍ଯ୍ୟ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା ଓ ଅମଣିଆଲାଗି କରାଯିବା ସହ ମେଲଣର ଶୁଭାରମ୍ଭ କରାଯାଇଥିଲା। ଦୋଳପୂର୍ଣ୍ଣିମାରେ ପ୍ରଭୁ ଚଚେରୀ ଖେଳି ଖେଳି ସଂକୀର୍ତ୍ତନ ଓ ଆଲୋକର ରୋଷଣୀରେ ଦୋଳାୟିତ ବିମାନରେ ଆସୁଥିବାର ମନୋରମ ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କୁ ଭକ୍ତି ରସରେ ଆପ୍ଲୁତ କରିଥିଲା। ପ୍ରଜାପିତା ବ୍ରହ୍ମାକୁମାରୀଙ୍କର ପ୍ରାୟ ଶତାଧିକ ଭକ୍ତ ପ୍ରଭୁଙ୍କର ଫଟୋଚିତ୍ରକୁ ଆଣି ମେଲଣ ପଡ଼ିଆରେ ପହଞ୍ଚି ଫଟୋଚିତ୍ରକୁ ସୁସଜ୍ଜିତ କରି ଭକ୍ତମାନଙ୍କୁ ବୁଝାଇବା ଦୃଶ୍ୟ ସମସ୍ତଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ମେଲଣ ପଡ଼ିଆରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ଆରକ୍ଷୀ ବାହିନୀ, ଜଳ ଯୋଗାଣ କ୍ଷେତ୍ରରେ ଜନସ୍ୱାସ୍ଥ୍ୟ ବିଭାଗ, ଯାଜପୁର ପୌରପାଳିକା ବିଶେଷକରି ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ ସହଯୋଗ କରିଥିବାର ସମସ୍ତ ମେଲଣ କମିଟି ତରଫରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା। ମେଲଣ ପଡ଼ିଆରେ ହଜାର ହଜାର ଦର୍ଶକଙ୍କ ଭିଡ଼ ଲାଗିଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଦିଲ୍ଲୀପ ଦାସ, ଶରତ ମହାରଣା, ପାଣ୍ଡବ ସାହୁ, ଇଂ. ଶିବ ପ୍ରସାଦ ବଳ, ମଧୁସୂଦନ ମହାନ୍ତି, ପ୍ରଦୀପ କୁମାର ସାହୁ, ଭାନୁଦତ୍ତ ରାୟ ପରିଚାଳନା କରିବା ସଙ୍ଗେ ସଙ୍ଗେ ନିଶିଥ ଦାସ, ମହେନ୍ଦ୍ର କୁମାର ଦାସ, ପ୍ରମୋଦ କୁମାର ମହାନ୍ତି, ସତ୍ୟରଂଜନ ବିଶ୍ୱାଳ, ବୃନ୍ଦାବନ ମିଶ୍ର ସହଯୋଗ କରିଥିଲେ।

# ଇନ୍ଦୁପୁର ଗ୍ରାମପଞ୍ଚାୟତରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗ୍ରାମପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ପ୍ରଦୀପ୍ତ ରଞ୍ଜନ ସୂତାର ସେହି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ିତୋଳିବାର ଉଦେଶ୍ୟ ନେଇ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରକୁ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କେନ୍ଦ୍ରାପଡା ଡାକ୍ତରଖାନାର ରକ୍ତଭଣ୍ଡାର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୬୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ୫ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, ୬ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ଇନ୍ଦୁପୁର ସମିତି ସଭ୍ୟା ସୁନନ୍ଦା ମଳିକ, ନାଏବ ସରପଞ୍ଚ ପ୍ରମିଳା ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦିପ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ରକ୍ତଦାନ ଶିବିର ପରିଚାଳନାରେ ଗୌରାଙ୍ଗ ସାହୁ, ସନ୍ତୋଷ ବେହେରା, ସୁନାକର ସୁତାର, ସାଗର ଜେନା, କାଳନ୍ଦି ମଳିକ, ବିଶ୍ୱଜିତ ବିଶ୍ୱରଞ୍ଜନ, ପ୍ରଭାତ ସାହୁ, ପିତାମ୍ବର ମଳିକ, ଚିତ୍ତରଞ୍ଜନ ସାହୁ, ରଞ୍ଜିତ କୁମାର ରାଉତ, ପ୍ରମିଳା ସାହୁ, ରଚନା ମଳିକ, ଶ୍ରୀକାନ୍ତ ବେହେରା, ମୋହନଚାନ୍ଦ ମଳିକ, ସୁକାନ୍ତି ସୂତାର, ଶଶିରେଖା ସୂତାର, ରୁବିନା ମଳିକ, ସେକ ଆଇବୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କୁନା ଜଗତି ଧନ୍ୟବାଦ ଅର୍ପଣ କରିଥିଲେ।




# ଓଡ଼ିଶା ଦିବସ ଅବସରରେ 'ମୋ କଲେଜ' ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ - 'ମୁଁ ଓଡ଼ିଆ, ମୁଁ ଗର୍ବିତ'

ଭୁବନେଶ୍ୱର,(ପି.ଏନ): ୧ ଏପ୍ରିଲ ୨୦୨୨: 'ମୋ କଲେଜ' ଅଭିଯାନ ପକ୍ଷରୁ 'ଓଡ଼ିଶା ଦିବସ' ଅବସରରେ 'ମୁଁ ଓଡ଼ିଆ, ମୁଁ ଗର୍ବିତ' ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ୱେବିନାରରେ ମୋ କଲେଜ ଅଭିଯାନ ପରିଚାଳନା ସଂଗଠନର ଅଧ୍ୟକ୍ଷ ଆକାଶ ଦାସନାୟକ, ସିୱାଇଏସଡିର ସହପ୍ରତିଷ୍ଠାତା ଜଗଦାନନ୍ଦ, ଦୈନିକ ଖବରକାଗଜ 'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରଭାସ ଆର୍ଯ୍ୟ ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସଯ କୁମାର ନାୟକ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଏବଂ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ଉପରେ ଗୁରୁତ୍ୱ ଦେଇଥିଲେ।ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ରହି ୧ ହଜାରରୁ ଅଧିକ ଅଂଶଗ୍ରହଣକାରୀ ଯୋଡ଼ି ହୋଇଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧ୍ୟାପକ/ଅଧ୍ୟାପିକା ଓ ବର୍ତ୍ତମାନର ଛାତ୍ରଛାତ୍ରୀ ତଥା ବହୁ ପୁରାତନ ଛାତ୍ରଛାତ୍ରୀ। ରାଜ୍ୟର ବିଭିନ୍ନ କଲେଜରେ ଥିବା 'ମୋ କଲେଜ' ସଂଯୋଜକମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।ପ୍ରାକୃତିକ ସୌନ୍ଦର୍ଯ୍ୟ, ବିବିଧ ଖଣିଜ ପଦାର୍ଥ, ମହାନ ସଂସ୍କୃତି ଏବଂ ଐତିହ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ଓଡ଼ିଶା। ଏ ମାଟି ହେଉଛି ପ୍ରଭୁ ଜଗନ୍ନାଥଙ୍କର ଏବଂ ଏହି ମାଟି ଦିନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଥିଲା। ତେଣୁ ଜଣେ ଓଡ଼ିଆ ହିସାବରେ ଆମେ ଆଜି ଗର୍ବ ଅନୁଭବ କରିବା ଉଚିତ ବୋଲି ଅତିଥି ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ଅବସରରେ କହିଥିଲେ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ।ମୋ କଲେଜ ଅଭିଯାନ ହେଉଛି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଏକ ଅଭିନବ ପରିକଳ୍ପନା। ଆଜି ରାଜ୍ୟର ବିଭିନ୍ନ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ଏହାର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଯୋଡ଼ି ଗୋଷ୍ଠୀ ସହଭାଗିତା ଆଧାରରେ ଏହା ଏକ ବିରାଟ ଅଭିଯାନର ରୂପ ନେବାକୁ ଯାଉଛି। ତେଣୁ ନିଜ ନିଜର କଲେଜ ସହ ଯୋଡ଼ି ହୋଇ ଏହାର ସାମଗ୍ରିକ ବିକାଶ ପାଇଁ ହାତ ବଢ଼ାବାକୁ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ।ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ସଯ କୁମାର ନାୟକ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଜ୍ୱଳ ଭବିଷ୍ୟତ ପାଇଁ ଓଡ଼ିଶା ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। 'ମୋ କଲେଜ' ଏହାର ଏକ ଉଦାହରଣ। ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଶାର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କର ଶିକ୍ଷା ଜୀବନର ମୂକସାକ୍ଷୀ। ତେଣୁ ଓଡ଼ିଶା ଦିବସ ଭଳି ବିଶେଷ ଦିନରେ ଆମେ ନିଜକୁ ଜଣେ ଗର୍ବିତ ଓଡ଼ିଆ ବୋଲି ମନେକରିବା ସହ ଆମ ଓଡ଼ିଶାକୁ ଶିକ୍ଷା କ୍ଷେତ୍ରରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ସେ ଆହ୍ୱାନ ଦେଇଥିଲେ।'ସମାଜ'ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରଭାସ ଆର୍ଯ୍ୟ ନିଜର ମତ ଦେଇ କହିଥିଲେ ଯେ, ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା। ଆମ ସମସ୍ତଙ୍କୁ ଏହି ପୁଣ୍ୟଭୂମିର ସୁଯୋଗ୍ୟ ସଂାନ ଭାବେ ନିଜକୁ ଗଢ଼ି ତୋଳିବାକୁ ହେବ। ଏ କ୍ଷେତ୍ରରେ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ତେଣୁ 'ମୋ କଲେଜ' ଅଧୀନରେ ଥିବା ବିଭିନ୍ନ କଲେଜର ଅଧ୍ୟାପକ/ଅଧ୍ୟାପିକାମାନେ ଅଧିକରୁ ଅଧିକ ଦାୟିତ୍ୱବାନ ବିଦ୍ୟାର୍ଥୀ ତିଆରି କରିବାକୁ ସେ ପରାମର୍ଶ ଦେଇଥିଲେ।ସମାଜସେବୀ ତଥା ସିୱାଇଏସଡିର ସହପ୍ରତିଷ୍ଠାତା ଜଗଦାନନ୍ଦ କହିଥିଲେ ଯେ, ଶିକ୍ଷା ହେଉଛି ଜଣେ ବ୍ୟକ୍ତିର ଭବିଷ୍ୟତ। ତେଣୁ ଯୁବପିଢ଼ି ଉଚ୍ଚଶିକ୍ଷା ଓ ଗବେଷଣା ଆଦି ବିଷୟରେ ବିଶେଷ ଧ୍ୟାନ ଦେବା ଉଚିତ। ଏହାସହ ଓଡ଼ିଶାର ଗୌରବମୟ ଇତିହାସକୁ ମନେରଖି ଯୁବପିଢ଼ି ନିଜର ବ୍ୟକ୍ତିତ୍ୱ ବିକାଶ ଦିଗରେ ଅଗ୍ରସର ହେବାକୁ ସେ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ୨୦୩୦ ସୁଦ୍ଧା ଆମେ ସମସ୍ତେ ନିଶ୍ଚିତ କରିବା ଦରକାର ଯେ, ଯେପରି ଆମ ରାଜ୍ୟରେ କୌଣସି ଜଣେ ବି ବ୍ୟକ୍ତି ଶିକ୍ଷାଲାଭରୁ ବଞ୍ଚିତ ନହୁଅଁ। ମୋ କଲେଜ ଅଭିଯାନ ଅଧୀନରେ ରାଜ୍ୟରେ ୭୫୦ରୁ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନ ରହିଛି। ପୁରାତନ ଛାତ୍ରଛାତ୍ରୀଙ୍କ ସହଯୋଗ ତଥା ରାଜ୍ୟ ସରକାରଙ୍କ ଅନୁଦାନ ଆଧାରରେ ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ଦୀର୍ଘସ୍ଥାୟୀ ବିକାଶ ପାଇଁ 'ମୋ କଲେଜ' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ପଣ୍ୟକାରବାର କ୍ଷେତ୍ରରେ ପାରାଦୀପ ବନ୍ଦରର ସର୍ବକାଳୀନ ରେକର୍ଡ




ପାରାଦୀପ,(ପି.ଏନ): ୨୦୨୧-୨୨ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୧୬.୧୩ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି। ଏହାର ସମସ୍ତ ଶ୍ରେୟ ବନ୍ଦରର କର୍ମଚାରୀ, ଅଧିକାରୀ, ଷ୍ଟିଭେଡୋର୍ସ, ସିପିଙ୍ଗ ଏଜେଣ୍ଟସ୍, ଭାରତୀୟ ରେଳବାଇ,କଷ୍ଟମ ବିଭାଗ, ଓଡିଶା ରାଜ୍ୟ ସରକାର ତଥା ସର୍ବୋପରି କେନ୍ଦ୍ର ଜାହାଜ ଚଳାଚଳ ବିଭାଗର ମାନ୍ୟବର ମନ୍ତ୍ରୀ ଓ ବିଭାଗକୁ କୃତଜ୍ଞତା ଜଣାଇଛନ୍ତି ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହାରନାଦ। ଶୁକ୍ରବାର ଦିନ ପାରାଦୀପ ଜୟଦେବ ସଦନ ପରିସରରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ହୋଇଥିଲା ବାର୍ଷିକ ସାମ୍ବାଦିକ ସମ୍ମିଳନୀ। ଗଣମାଧ୍ୟମକୁ ସୂଚନା ଦେଇ ବନ୍ଦର ଅଧ୍ୟକ୍ଷ କହିଛନ୍ତି ଯେ, ଆଇରନ୍ ଓର୍ ପରିବହନ ଚଳିତ ବର୍ଷ ୯ଏମ୍.ଏମ୍.ଟି. କମ୍ ହୋଇଛି। କୋଷ୍ଟାଲ୍ ସିପିଙ୍ଗ ମାଧ୍ୟମରେ ୨୮ ମେଟ୍ରିକ୍ ଟନ୍ ପଣ୍ୟ କାରବାର ହୋଇଛି। କେବଳ ମାର୍ଚ୍ଚ ମାସରେ ପାରାଦୀପ ବନ୍ଦରରେ ୧୨.୩୧ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ପାରାଦୀପ ବନ୍ଦରରେ ନୂଆ ଆମଦାନୀ କୋଇଲା ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆଗାମୀ ଦିନ ପଶ୍ଚିମ ଡକ୍ ନିର୍ମାଣ କାର୍ଯ୍ୟ ଶେଷ ହେବ, ଏହା ଶେଷ ହେବା ପରେ ୧୮ ମିଟର ବିଶିଷ୍ଟ ବୃହତ୍ତକାୟ ଜାହାଜ ଅନାୟସରେ ଯାଆ ଆସ କରିପାରିବ। ଏହା ଦ୍ୱାରା ପାରାଦୀପ ବନ୍ଦରର ପଣ୍ୟକାରବାର କ୍ଷମତା ଆହୁରି ବୃଦ୍ଧି ପାଇପାରିବ। ଯାନ୍ତ୍ରିକ କୋଇଲା ବୋଝେଇ ପ୍ଲାଣ୍ଟରେ ୨୦୧୮-୧୯ ମସିହାରେ ୫୬୯୮ଟି ରେକ୍ ବୋଝେଇ ଓ ଖଲାସ ହୋଇପାରିଥିବା ବେଳେ ଚଳିତ ବର୍ଷ ୭୧୫୬ଟି ରେକ୍‌ରେ ବୋଝେଇ ଓ ଖଲାସ କାର୍ଯ୍ୟ କରାଯାଇଛି। ଯାହାକି ୨୫ ପ୍ରତିଶତ ଅଭିବୃଦ୍ଧି ହୋଇଛି। ପୂର୍ବରୁ ଗୋଟିଏ ଜାହାଜ ଆସି ଯିବା ପାଇଁ ୬୪ ଘଣ୍ଟା ଲାଗୁଥିବା ବେଳେ ବର୍ତ୍ତମାନ ଏହା ୫୫ ଘଣ୍ଟାକୁ ଖସି ଆସିଛି। ଚଣ୍ଡିଖୋଲ ପାରାଦୀପ ଜାତୀୟ ରାଜପଥ ୫୩ ଏବେ ୪ ଲେନ୍ ଥିବା ବେଳେ ଏହାକୁ ୮ ଲେନ୍‌ରେ ପରିଣତ କରିବାକୁ କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ବିଭାଗ ସହିତ ଆଲୋଚନା ସରିଛି, ଏହାର କାମ ଖୁବ୍ ଶୀଘ୍ର ଆରମ୍ଭ ହେବ। ଯାହା ଫଳରେ ଜାତୀୟ ରାଜପଥରୁ ଭିଡ କମିଯିବ। ଖୁବ୍ ଶୀଘ୍ର ପାରାଦୀପ ଉପକଣ୍ଠରେ ଟ୍ରକ୍ ଟର୍ମିନାଲ କାମ ଆରମ୍ଭ ହେବ, ଏହା ବିଶ୍ୱସ୍ତରୀୟ ଟ୍ରକ୍ ଟର୍ମିନାଲ ହେବ। ଜାତୀୟ ଜଳମାର୍ଗ ଯୋଜନା କାର୍ଯ୍ୟକାରୀ ହେଉଛି, ପ୍ରଥମ ପର୍ଯ୍ୟାୟରେ ପାରାଦୀପ-ପାଙ୍କପାଳ ମଧ୍ୟରେ ଏହା ହେବାର ଯୋଜନା ହୋଇଛି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପାଙ୍କାପାଳ-ତାଳଚେର ମଧ୍ୟରେ କାର୍ଯ୍ୟକାରୀ ହେବ। ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା ଅଧିନରେ ୧୦୦କୋଟି ଟଙ୍କା ବ୍ୟୟରେ ପାରାଦୀପ ମାଛଧରା ବନ୍ଦରକୁ ବିଶ୍ୱସ୍ତରୀୟରେ ପରିଣତ କରାଯିବାର କାର୍ଯ୍ୟ ପାରାଦୀପ ବନ୍ଦର ଦ୍ୱାରା ସମ୍ପାଦିତ ହେବ। ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାରେ ୯୩କୋଟି ଟଙ୍କା ବ୍ୟୟରେ ୪ଲାଇନ୍ ଫ୍ଲାଏ ଓଭର ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଜାରୀ ରହିଛି ଏବଂ ଏହା ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ହେବ। ଆଗାମୀ ୧୦ବର୍ଷ କୁ ଆଖି ଆଗରେ ରଖି ପାରାଦୀପରେ ରିଫୁଏଲିଙ୍ଗ ଷ୍ଟେସନ୍ କାର୍ଯ୍ୟ ଆରମ୍ଭ ହେବାର ଯୋଜନା ରହିଛି। ପାରାଦୀପ ବନ୍ଦରକୁ ଭିତ୍ତିକରି ଦୁଇଗୋଟି ପିଲେଟ୍ ପ୍ଲାଣ୍ଟ କାର୍ଯ୍ୟ କରିବ। ଏଥି ସହିତ ଆସାମର ନୁମାଲିଗଡ ରିଫାଇନାରୀ ତାର କାମ ପାରାଦୀପରେ ଆରମ୍ଭ କରିଛି। ବନ୍ଦରାଂଚଳକୁ ସବୁଜ ବନ୍ଦର କରିବା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ଜାରୀ ରହିଛି। ପାରିପାର୍ଶ୍ୱିକ ଉନ୍ନୟନ ନିମନ୍ତେ ପାରାଦୀପ ବନ୍ଦର ବହୁ ପଦକ୍ଷେପମାନ ଗ୍ରହଣ କରିଛି। ଶିକ୍ଷାକୁ ଗୁରୁତ୍ୱ ଦେଉଛି ପାରାଦୀପ ବନ୍ଦର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ଦେଇ ସେମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବାକୁ ବନ୍ଦର ପ୍ରୟାସ ଜାରୀ ରଖିଛି। ଏହି ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଉପାଧ୍ୟକ୍ଷ ଏ.କେ.ବୋଷଙ୍କ ସମେତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ନବଜାଗରଣ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳିତ




ଚଣ୍ଡିଖୋଲ, (ପି.ଏନ୍):ନବ ଜାଗରଣ ପରିଷଦ ବଡ଼ଚଣା ଆନୁକୂଲ୍ୟରେ ଆଜି ଉତ୍କଳ ଦିବସ ଶିଶୁ ପାଠାଗାର ଚଣ୍ଡିଖୋଲ ଛକ ଠାରେ କମ୍ରେଡ୍ ଜଟିନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ କେଦାର ନାଥ ଦାଶ, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଡ଼ଃ ତୁହିନାଂଶୁ ରଥ, ନବ ଜାଗରଣ ପରିଷଦର ସଂପାଦକ ଡ଼ଃ ପ୍ରିୟନାଥ ମହାପାତ୍ର, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନର ସଭାପତି ଆଇନ୍‌ଜୀବୀ ଦେବରାଜ ବେହେରା, ଅଧ୍ୟାପକ ବିଜୟ କେତନ ସାମଲ, ବରିଷ୍ଠ ଗାୟକ ରଜନୀକାନ୍ତ ପୃଷ୍ଟି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ, ପ୍ରଫେସର ବିଶ୍ୱଜିତ୍ ମହାପାତ୍ର, ପ୍ରାକ୍ତନ ସରପଂଚ ଦିବାକର ବେହେରା, ନିଖିଳ ଉତ୍କଳ ଶିଶୁମେଳା ସମିତିର ସଂପାଦକ ଶରତ କୁମାର ନାୟକ, ସାହିତ୍ୟିକା ପ୍ରମିଳା ପ୍ରତାପ, ବିପିନ୍ ବିହାରୀ ସ୍ୱାଇଁ, ପ୍ରଦୀପ୍ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିଥି ବୃନ୍ଦ ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦ୍ୱୀପ ଉଜ୍ଜ୍ୱଳନ କରିଥିଲେ। ଜଗନ୍ନାଥ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟକୁ ବଂଚାଇବା ପାଇଁ କୁଳବୃଦ୍ଧ ବାରିଷ୍ଟର ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀର ମୋହନ ସେନାପତି, ମହାରାଜ କୃଷ୍ଣଚନ୍ଦ୍ର ଗଜପତି, ସ୍ୱଭାବକବି ଗଙ୍ଗାଧର ମେହେର, ନୀଳକଣ୍ଠ ମିଶ୍ର, ହରେକୃଷ୍ଣ ମହତାବ ପ୍ରମୁଖ ବ୍ରିଟିଶ୍ ସରକାର ନିକଟରେ ସଂଗ୍ରାମ କରି ୧୯୩୬ ମସିହାରେ ଓଡ଼ିଶା ରାଜ୍ୟକୁ ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ମାନ୍ୟତା ପ୍ରଦାନ କରାଇଥିଲେ। ସେ ନେଇ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ୧ ତାରିଖକୁ ଉତ୍କଳ ଦିବସ ଭାବେ ପାଳନ କରାଯାଉଅଛି। ଆଜି ଆମେ ସମସ୍ତେ ଓଡ଼ିଆ ଭାଷାକୁ ବଂଚାଇବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଅଛି। ନୂତନ ପୀଢ଼ୀଙ୍କୁ ଠିକଣା ବାଟରେ ଓଡ଼ିଆ ଭାଷା, ମା', ମାଟି, ମାତୃଭାଷାକୁ ବୁଝାଇ ପାରିଲେ ସେମାନେ ଆସନ୍ତାକାଲି ଉତ୍କଳ ଦିବସର ମୂଲ୍ୟତା କ'ଣ ସେ ମଧ୍ୟ ଠିକଣା ବାଟରେ ବୁଝି ପାରିବେ ବୋଲି ମୁଖ୍ୟ ଅତିଥି ଓ ବକ୍ତା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭା ସଂଚାଳନ କରିଥିଲେ ଶିଶୁ ସାହିତ୍ୟିକ ଡ଼ଃ ପ୍ରିୟନାଥ ମହାପାତ୍ର। ଶେଷରେ ନବ ଜାଗରଣ ପରିଷଦର ସକ୍ରିୟ ସଭ୍ୟ ପ୍ରସନ୍ନ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାରେ ଉର୍ଦ୍ଦୁ ଶିକ୍ଷାକୁ ସମାପ୍ତ କରିବା ପାଇଁ ଓଡ଼ିଶା ସରକାରୀ କଳର ଚକ୍ରାନ୍ତ

ଭୁବନେଶ୍ୱର, (ପି.ଏନ): ଉର୍ଦ୍ଦୁ ହେଉଛି ମଡର୍ଣ୍ଣ ଇଣ୍ଡିଆନ ଲାଙ୍ଗୁଏଜ୍ ମାନଙ୍କ ମଧ୍ୟରୁ ଅନ୍ୟତମ। ଗତ କିଛିବର୍ଷ ତଳେ ପଞ୍ଜାବ ରାଜ୍ୟରେ ଜମି ରେଜେଷ୍ଟ୍ରି ଉର୍ଦ୍ଦୁ ଭାଷାରେ ହେଉଥିଲା। ଉତର ଭାରତର କେତେକ ରାଜ୍ୟରେ ଉର୍ଦ୍ଦୁ ହେଉଛି ଦ୍ୱିତୀୟ ମୁଖ୍ୟ ଭାଷା। ଓଡ଼ିଶାରେ ୧୧୦ ବର୍ଷ ତଳେ ଉପରବର୍ଣ୍ଣିତ ବିଷୟରେ ଏକ ଶିକ୍ଷକ ଟ୍ରେନିଂ ସ୍କୁଲ୍ କଟକରେ ପ୍ରତିଷ୍ଠା ହୋଇଥିଲା। ଯେଉଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଉର୍ଦ୍ଦୁ ପାଠ ପଢିବେ, ତଳେ ଉପରବର୍ଣ୍ଣିତ ବିଷୟରେ ଏକ ଶିକ୍ଷକ ଟ୍ରେନିଂ ସ୍କୁଲ ପ୍ରତିଷ୍ଠା ହୋଇଥିଲା। ଗତ କିଛି ବର୍ଷ ଧରି ଏହି ଟେନିଂ ସ୍କୁଲରେ ଉର୍ଦ୍ଦୁ ମାଧ୍ୟମରେ ପାଠ ପଢିଥିବା କେହି ଜଣେ ଶିକ୍ଷକ ନଥିଲେ। ଆମ୍ଭେ ଆପଣଙ୍କ ଦୃଷ୍ଟିକୁ ଏହା ଆଣିଥିଲୁ। ଆପଣଙ୍କ ବିଭାଗ ଏହା ଉପରେ ପଦକ୍ଷେପ ନେବା ପରିବର୍ତ୍ତେ ସର୍ବମୋଟ ଏହି ସ୍କୁଲ୍‌କୁ ବନ୍ଦ ହେବା ଲାଗି ଦୈନିକ ସମ୍ବାଦ ପୃଷ୍ଠା ୩ ତା ୨୩.୦୨.୨୦୨୨ରିଖରେ ଘୋଷଣା କରିସାରିଛନ୍ତି।କେତେକ ମୁସଲମାନ ଗ୍ରାମମାନଙ୍କରେ ମୁସଲମାନ ବ୍ୟକ୍ତିମାନେ ନିଜ ଜାଗା ଦେଇ ଉର୍ଦ୍ଦୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଇଥିଲେ। କିନ୍ତୁ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବିଦ୍ୟାଳୟ ନାମ ପରିବର୍ତ୍ତନ କରାଯାଇ ଉର୍ଦ୍ଦୁ ପରିବର୍ତ୍ତେ ମୁସ୍‌ଲିମ୍ ବସ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲେଖାଯାଇଛି। ଭୁବନେଶ୍ୱରରେ ଥିବା ଉର୍ଦ୍ଦୁ ଏକାଡ଼େମୀ ପାଇଁ ସରକାରଙ୍କ ଦ୍ୱାରା ବଜେଟରେ କୌଣସି ଆଲୋକେସନ ହେଉନାହିଁ। ତେଣୁ ଏହା ବନ୍ଦ ହେବାକୁ ବସିଛି। ମାଦ୍ରାସା ବୋର୍ଡ଼ର କୌଣସି ବାଇ-ଲ ନାହିଁ। କୌଣସି ବିଧିବଦ୍ଧ ସିଷ୍ଟମ ଓ ରେଗୁଲାର ଷ୍ଟାଫ ବିନା ଏହା ପରିଚ୍ଳଳିତ ହେଉଅଛି। ମାଦ୍ରାସା ବୋର୍ଡ଼ ଦ୍ୱାରା ତାଲିମପ୍ରାପ୍ତ ଫାଜିଲ୍ ଯୋଗ୍ୟତାଧାରୀ ବ୍ୟକ୍ତି ଉଚ୍ଚ ବିଦ୍ୟାଳୟମାନଙ୍କରେ ନିଯୁକ୍ତି ପାଉଥିଲେ। ୨୦୧୧ ମସିହାରେ ସରକାର 'ଫାଜିଲ୍' ଯୋଗ୍ୟତାକୁ ପରିବର୍ତ୍ତନ କରି ଉର୍ଦ୍ଦୁ ବି.ଏଡ୍ ଯୋଗ୍ୟତା ରଖିଛନ୍ତି। ଓଡ଼ିଶାରେ ଉର୍ଦ୍ଦୁ ବି.ଏଡ୍ ଯୋଗ୍ୟତା ହାସଲ କରିବାର କୌଣସି ସୁବିଧା ନାହିଁ। ଏ ସମ୍ପର୍କରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସ୍ଥଗିତାଦେଶ ଜାରି କରାଯାଇଛି। କଟକ ଓଡ଼ିଆ ବଜାରଠାରେ ଉର୍ଦ୍ଦୁ ମାଧ୍ୟମ ବାଳିକା ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟରେ କେବଳ ଉର୍ଦ୍ଦୁ ଏମ୍.ଆଇ.ଏଲ୍ ଶିକ୍ଷକଙ୍କୁ ଛାଡ଼ିଦେଲେ କୌଣସି ଉର୍ଦ୍ଦୁ ଭାଷା ଜାଣିଥିବା ଷ୍ଟାଫ ନାହାଁନ୍ତି। ଶିକ୍ଷା ଦର୍ପଣ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଛି। ସେଥିରେ ଉର୍ଦ୍ଦୁ ଏମ୍.ଆଇ.ଏଲ୍ ନାହିଁ। ଶିକ୍ଷକ ନିଯୁକ୍ତିର ଯେଉଁ ବିଜ୍ଞାପନ ବାହାରିଛି, ଉର୍ଦ୍ଦୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଭାକାନ୍ସି ପାଇଁ ବିଜ୍ଞାପନ ବାହାରି ନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉର୍ଦ୍ଦୁ/ ପାର୍ସିଆନ୍ ଛାତ୍ରଛାତ୍ରୀମାନଙ୍କୁ ଗତ ଏକବର୍ଷ ହେଲା ପୁସ୍ତକ ଦିଆଯାଇ ନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଉର୍ଦ୍ଦୁ/ପାର୍ସିଆନ ଛାତ୍ରଛାତ୍ରୀମାନଙ୍କୁ କେବେ ବି ପ୍ରଶ୍ନପତ୍ର ଦିଆଯାଇ ନାହିଁ।ଯେହେତୁ ଉର୍ଦ୍ଦୁ ଭାଷାକୁ ଓଡ଼ିଶାର ମୁସଲମାନ ମାନେ ମାତୃଭାଷା ରୂପେ ବ୍ୟବହାର କରନ୍ତି, ତେଣୁ ଓଡ଼ିଶା ସରକାର ମୁସଲମାନମାନଙ୍କୁ ଆମ୍ଭେ ଶୁଣୁଛୁ ଉର୍ଦ୍ଦୁ ଭାଷାକୁ ସମାପ୍ତ କରିବା ଲାଗି ସରକାରୀ କଳ ଦ୍ୱାରା ଚକ୍ରାନ୍ତ ହେଉଛି। ଚଳିଶ କୋଟିରୁ ଉର୍ଦ୍ଦ୍ୱ ଟଙ୍କା ବ୍ୟାୟ କରି କଟକ ସିଡ଼ିଏଠାରେ ଏକ ଉର୍ଦ୍ଦୁ ୟୁନିଭରସିଟି ପ୍ରତିଷ୍ଠା କରାଯାଇଛି, ଯାହା ଉଦ୍‌ଘାଟନ ହୋଇସାରିଛି। ପ୍ରାଥମିକରୁ ଉର୍ଦ୍ଦୁ ମାଧ୍ୟମ ଛାତ୍ରଛାତ୍ରୀ ହାଇସ୍କୁଲ୍ କିମ୍ବା କଲେଜକୁ ଆସୁନାହାଁନ୍ତି। ଉର୍ଦ୍ଦୁ ୟୁନିଭରସିଟିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଭାଗୀୟ ସଚିବ ଓ ନିର୍ଦ୍ଦେଶକଙ୍କୁ ପତ୍ର ଲେଖାଯାଇଛି।ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଆଡ଼ଭୋକେଟ ମହମ୍ମଦ ଇମାମୁଦ୍ଦିନ, ଆର.ପି.ଆଇ.ର ରାଜ୍ୟ ସଭାପତି ଶେଖ ଅବଦୁଲ ୱାଲି, ବସ୍ତିନେତା ପ୍ରତାପ ସାହୁ, ସି.ପି.ଏମ୍. ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟା ପୁଷ୍ପା ଦାଶ, ସିପିଆଇ(ଏମ୍-ଏଲ୍) ଲିବରେସନର ମହେନ୍ଦ୍ର ପରିଡ଼ା, ମୁଜିବୁର ରହେମାନ, ବରକତ୍ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଧର୍ମଶାଳା ବିଧାୟକଙ୍କ ହାତପାଣ୍ଠିରୁ ଆମ୍ବୁଲାନ୍ସ ସେବା



ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଆଂଚଳିକ ଉନ୍ନୟନ ପାଣ୍ଠିରୁ ଧର୍ମଶାଳା ବ୍ଲକକୁ ୨୩ଲକ୍ଷ ବ୍ୟୟ ଅଟକଳରେ ଏକ ନୂତନ ଆମ୍ବୁଲାନ୍ସ ପ୍ରଦାନ କରିଛନ୍ତି । ଆଜି ଉତ୍କଳ ଦିବସ ଅବସରରେ ବିଧାୟକ ଶ୍ରୀ ବଳବନ୍ତରାୟ ଧର୍ମଶାଳା ବ୍ଲକ୍ ପରିସରରେ ପତାକା ଦେଖାଇ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସ୍ମୃତିରେଖା ବେହେରା, ନିର୍ମଳ ପ୍ରଧାନ ବ୍ଲକ୍‌ର ସମସ୍ତ କର୍ମଚାରୀ ଓ ଅନ୍ୟାନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ । ଧର୍ମଶାଳା ପଂଚାୟତ ସମିତିର ୪୫ଗୋଟି ପଂଚାୟତର ସାଧାରଣ ଲୋକମାନେ ଏହି ଆମ୍ବୁଲାନ୍ସ ସେବା ପାଇପାରିବେ । ଏବେ ଏହି ଆମ୍ବୁଲାନ୍ସକୁ ବ୍ଲକ ପରିଚାଳନା କରିବ । ବ୍ଲକ ସହିତ ଯୋଗାଯୋଗ କରି ଆମ୍ବୁଲାନ୍ସ ସେବା ପାଇ ପାରିବେ ।

# ହତ୍ୟା ଅଭିଯୁକ୍ତଙ୍କୁ ୧୩ ବର୍ଷ କାରାଦଣ୍ଡ

ବାଲେଶ୍ୱର, (ପି.ଏନ): ସ୍ୱତନ୍ତ୍ର ଜର୍ଜ ତଥା ରେଜିଷ୍ଟ୍ରାର ବିଜୟ କୁମାର ଦାସ ୨୦୦୩ ମସିହାରେ ଏକ ମାମଲା ର ବିଚାର କରି ଅଭିଯୁକ୍ତ ପ୍ରମୋଦ ପାଲକୁ ୧୩ ବର୍ଷ ଶକ୍ଷ୍ରମ କାରାଦଣ୍ଡ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ ୨୦୦୩ ମସିହାରେ ସୋର ଷ୍ଟେସନ ପାଖରେ ରହୁଥିବା ପ୍ରମୋଦ ପାଲ ତାର ସ୍ତ୍ରୀ କୁ ନିର୍ଯାତନା ଦେବା ସହ କିରୋସିନ ଢାଳି ପୋଡ଼ି ମାରିବାକୁ ଉଦ୍ୟମ କରିଥିଲା । ଏ ବାବଦରେ ସୋର ଥାନା କେସ୍ ନମ୍ବର ୩୮/୨୦୦୩ ରେ ଏକ ମାମଲା ରୁଜୁ କରାଯାଇ ବିଚାର କରାଯାଇଥିଲା । ଦିର୍ଘ ୧୯ ବର୍ଷ ପରେ ମାନ୍ୟବର ଜର୍ଜ ଅଭିଯୁକ୍ତ ପ୍ରମୋଦକୁ ଦଫା ୪୯୮ (କ) ରେ ୩ ବର୍ଷ ଶକ୍ଷ୍ରମ କାରାଦଣ୍ଡ ଓ ଦଫା ୩୦୭ ରେ ୧୦ ବର୍ଷ କାରାଦଣ୍ଡ ଆଦେଶ ପ୍ରଦାନ କରିଛନ୍ତି ।

# ବେଗୁନିଆରେ ଉତ୍କଳ ଦିବସ ପାଳିତ,ବରପୁତ୍ର ମାନଙ୍କର ସ୍ମୃତି ଚାରଣ ଜାତିକୁ ସମୃଦ୍ଧ କରିଥାଏ

ଖୋର୍ଦ୍ଧା, (ପିଏନ):ବେଗୁନିଆ ସଦର ମହକୁମାର ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଲଗ୍ନ ଆମ୍ର କାନନ ପରିସରରେ ଆଦର୍ଶ କ୍ଲବ ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଥିଲା । ଏ ନେଇ କ୍ଲବର ସଭାପତି ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟ ଓ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସଂଯୋଜନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ପଣ୍ଡିତ ଗୌର ଚରଣ ପ୍ରହରାଜ ବେଦପାଠ ପରେ ବରପୁତ୍ର ମାନଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହ ଛାତ୍ରଛାତ୍ରୀ ମାନେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଦେଶାତ୍ମବୋଧକ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ । ଏଥିରେ ବିଶିଷ୍ଟ ବାଗ୍ମୀ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱ ରଞ୍ଜନ ମୁଖ୍ୟ ଅତିଥ,ଉତ୍କଳ ବିଶ୍ୱ ବିଦ୍ୟାଳୟର ସ୍ନାତକୋତର ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡଃ ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ମାତୃଭୂମି ଓ ମାତୃଭାଷାର ସୁରକ୍ଷା ଦାୟିତ୍ୱ ପ୍ରତ୍ୟେକ ନାଗରିକଙ୍କ କର୍ତବ୍ୟ ସହିତ ପୂଜ୍ୟପୁଜା ଓ ବରପୁତ୍ର ମାନଙ୍କ ସ୍ମୃତି ଚାରଣ ଜାତିକୁ ସମୃଦ୍ଧିଶାଳୀ କରିଥାଏ । ତେଣୁ ଉତ୍କଳ ଦିବସ ରାଜ୍ୟର ବରପୁତ୍ର ମାନଙ୍କର କୃତଜ୍ଞତାଜଣାଇବା ପାଇଁ ମହାର୍ଘ ସୁଯୋଗ ସୃଷ୍ଟି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । କଣ୍ଠଶିଳ୍ପୀ ସଞ୍ଜୟ କୁମାର ପାଣିଗ୍ରାହୀ ଉଦଯାପନୀ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ସଭ୍ୟ ମୀର ମେହେଫୁଜ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ବେଗୁନିଆ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ,ପଂଚାୟତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଉତ୍କଳ ଦିବସ ପାଳିତ ହୋଇ ଯାଇଛି । କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷାବିତ୍ କୁଳମଣି ମିଶ୍ର,ପ୍ରବଚକ କାର୍ତିକେୟ ପାଣିଗ୍ରାହୀ,ଅନୁଷ୍ଠାନର ସମ୍ପାଦକଶ୍ରୀକାନ୍ତ ବାହିନୀପତି ଓ ପୂର୍ବତନ ସମ୍ପାଦକ ପ୍ରସନ୍ନ ମହାପାତ୍ର ପ୍ରମୁଖ ଯୋଗ ଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ ।

# ଗୌଡ ନୂଆଗାଁରେ ରକ୍ତଦାନ ଶିବିର, ୨୨ ୟୁନିଟ ରକ୍ତ ସଂଗୃହିତ

ଖୋର୍ଦ୍ଧା, (ପିଏନ):ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ଗୌଡନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱେଚ୍ଛାସେବୀ ଯୁବକଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରୁ ମୋଟ ୨୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଖୋର୍ଦ୍ଧାର ଓଡିଶା ରକ୍ତଭଣ୍ଡାର ଅଧିକାରୀ ଡଃ ସୌରଭ ରାୟ,ଲାବଟେକନିସିଆନ ଅରୁଣ କୁମାର ସାହୁ,ଝୁନୁଲତା ସାହୁ ଓ ଷ୍ଟାଫନର୍ସ ଝାନସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏଥିରେ ଚାଷୀ ପୂର୍ଣ୍ଣଚନ୍ଦ୍ର ବେହେରା,ସ୍ଥାନୀୟ ଚିକିତ୍ସାଳୟର ଆୟୁଷ ଡଃ ହରପ୍ରିୟା ଧଳ,ସରପଂଚ କବିତା ମଞ୍ଜରୀ ତ୍ରିପାଠୀ ଓ ସମିତିସଭ୍ୟ ରଞ୍ଜନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବା ବେଳେ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ରକ୍ତଦାତା ମାନେ ହେଲେ କବିତା ମଞ୍ଜରୀ ତ୍ରିପାଠୀ,ଜୟନ୍ତ କୁମାର ତ୍ରିପାଠୀ,କାହ୍ନୁ ଚରଣ ବେହେରା,ପ୍ରକାଶ ଲେଙ୍କା, ସୌମ୍ୟ ରଞ୍ଜନ ପାଣିଗ୍ରାହୀ,ସଂଗ୍ରାମ ଶିବ ପ୍ରସାଦ ପଣ୍ଡା,ଅକ୍ଷୟ ନାୟକ,ଆଲୋକ କୁମାର ତ୍ରିପାଠୀ, ରାଜିବ ବେହେରା,ଦୀପକ କୁମାର ସେଠୀ,ଟୁଲୁ ସ୍ୱାଇଁ,ତପନ କୁମାର ପଣ୍ଡା,ଗୟାଧର ଲେଙ୍କା,ସୌମ୍ୟ ରଞ୍ଜନ ପ୍ରଧାନ,ମୋନାଲିସା ବେହେରା,ରାଧୁ ରାଉତ,ସୌମ୍ୟ ରଞ୍ଜନ ବେହେରା, ଶରତ ଚନ୍ଦ୍ର ଛାଟୋଇ, ମାନସ ଚନ୍ଦ୍ର ଦଳେଇ,ସୁଜିତ ସେଠୀ ଓ ସଞ୍ଜିବ ରାଉତ ପ୍ରମୁଖ ।

# ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ପାଳିତ: ଓଡିଶାର ଐତିହ୍ୟ ଏବଂ ଓଡିଆ ଭାଷାର ଅସ୍ମିତା ସାରା ବିଶ୍ୱରେ ନିଆରା

ବାରିପଦା, (ପି.ଏନ) : ଭାଷା ଭିତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ଭାଷା ଭିତିକ ରାଜ୍ୟର ମାନ୍ୟତା ମିଳିଥିଲା । ତେଣୁ ଏହି ଏପ୍ରିଲ ପହିଲା ଦିନଟିକୁ ଉତ୍କଳ ଦିବସ ଭାବରେ ପାଳିତ ହୋଇ ଆସୁଛି । ଆଜି ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲା ସୂଚ୍ନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଓଡିଶା ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ରେ ପ୍ରତ୍ୟୁଷରେ ଡାକବାଜି ଯନ୍ତ୍ର ଦ୍ୱାରା ସହରାଞ୍ଚଳରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା । ସେହିପରି ସକାଳ ୬ ଘଟିକା ସମୟରେ ପୌରାଞ୍ଚଳ ଅଧିନସ୍ଥ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତଫେରି ଶୋଭାଯାତ୍ରା ଅନୁଷ୍ଠିତ ହେବା ପରେପରେ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ସମୂହ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ମୟୂରଭଂଜ ଜିଲ୍ଲା ସଭାପତି ଅଧକ୍ଷା ଭାରତୀ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଗାନ୍ଧୀପାର୍କ ଠାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତିରେ, ରକ୍ସି ଛକ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ, ଏମ.କେ.ସି. ହାଇସ୍କୁଲ ନିକଟରେ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତୀରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତିରେ, ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ, ଶିଶୁ ଉଦ୍ୟାନ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତୀରେ, ଜିଲ୍ଲା ସଂସ୍କୃତି ଭବନ ପରିସରରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ଏବଂ ପଦ୍ମଶ୍ରୀ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ପ୍ରତିମୂର୍ତିରେ, ଭଞ୍ଜପୁର ଛକ ଠାରେ ସୁନାରାମ ସୋରେନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଂଧ୍ୟା ଘ.୬ ଘଟିକା ସମୟରେ ଶହୀଦ ସ୍ମୃତି ଭବନ ଠାରେ ଏକ ସାଧାରଣ ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

# ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ପାଳିତ



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ବ୍ଲକର ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ଉତ୍କଳ ଦିବସ ଉତ୍ସବରେ ମଧୁପୁର କଲଣ କଲେଜ କଲଣର ପ୍ରାଧ୍ୟାପକ ଡକ୍ଟର ତୁହିନାଂଶୁ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ବଜାୟ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ ଧ୍ୟେୟ ହେଉ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ କବି ଓ ସ୍ତମ୍ଭକାର ସଂଗ୍ରାମ କେଶରୀ ଜେନା ଯୋଗଦେଇଥିଲେ । ସଂପାଦକ ହୃଷୀକେଶ ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କାର୍ଯ୍ୟକାରୀ ସମିତି ସଦସ୍ୟ ସନ୍ତୋଷ ତରାଇ ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସଭାପତି ବଟକୃଷ୍ଣ ପରିଡ଼ା, ପଣ୍ଡିତ ବ୍ରଜକିଶୋର ଦାଶ, ଅଧ୍ୟାପକ ବିଜୟ ନାୟକ ଉତ୍କଳ ଦିବସ ସଂପର୍କରେ ଆଲୋକପାତ କରିଥିଲେ । ଉପସଭାପତି ମିନତୀ ସାହୁ ଓ ଶ୍ରୀମତୀ ମାଧୁରୀ ଶତପଥୀ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ । ବିନୋଦ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଜାରକାଠାରେ ଅନୁଷ୍ଠାନର ସଭାପତି କାମଦେବ ଶତପଥୀଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି । କବି ତୁହିନାଂଶୁ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ସଂପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ନବଘନ ଜେନା ଯୋଗଦେଇଥିଲେ । କାର୍ଯ୍ୟକାରୀ ସଭାପତି କାହ୍ନୁ ଚରଣ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂପାଦକ ଡକ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରି ସୂଚନା ପ୍ରଦାନ କରିଥିଲେ । ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପାଖର ଠାରେ ଗୋପବନ୍ଧୁ ଯୁବ ପରିଷଦ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି ।

# ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲକାଟି,(ପି.ଏନ) : ପବିତ୍ର ଉତ୍କଳ ଦିବସ ଅବସରରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ରାଉତରାୟ ସଭାପତିତ୍ୱ କରି ସ୍କୁଲର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ଭାବେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢାଲି ଯୋଗଦେଇ ଅଧ୍ୟୟନରତ ଛାତ୍ରୀଙ୍କୁ ଭଲ ପାଠ ପଢିବା ସାଙ୍ଗକୁ ଯିଏ ଯେଉଁ ବିଭାଗରେ ରୁଚି ରଖିଛନ୍ତି ତାକୁ ନିଷ୍ଠାର ସହିତ ପାଳନ କଲେ ଦିନେନା ଦିନେ ସମାଜରେ ସୁ ପ୍ରତିଷ୍ଠିତ ବ୍ୟକ୍ତି ସହିତ ଶିକ୍ଷାନୁଷ୍ଠାନର ସୁଖ୍ୟାତି ଅର୍ଜନ ହୋଇପାରିବ । ଏହି ଶିକ୍ଷାନୁଷ୍ଠାନର ସମଗ୍ର ଅଂଚଳରେ ଶିକ୍ଷା ପଦ୍ଧତିରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଗତ ବର୍ଷ ପିଲାମାନଙ୍କର ଭଲ ମାର୍କ ରଖି ଉତିର୍ଣ୍ଣ ହୋଇଥିବାରୁ ସ୍କୁଲର ଭିତିଭୂମିର ବିକାଶ ପାଇଁ ସରକାର ସ୍ମାର୍ଟ ସ୍କୁଲ ଘୋଷଣା କରି ଏହାର ବିକାଶ ପାଇଁ ବହୁ ଅର୍ଥ ଯୋଗାଇ ଦେଇଛନ୍ତି । ପରେ ପରେ କୃତି ପ୍ରତିଯୋଗିମାନଙ୍କୁ ଏଥିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଅନ୍ୟତମ ଅତିଥିଭାବେ ସ୍ଥାନୀୟ ପୂର୍ବତନ ସରପଂଚ ଭାଗ୍ୟଧର ନନ୍ଦୀ, କପିଳ ମହାରାଣା, ବସନ୍ତ ସାହୁ, ସମାଜସେବୀ ବେଣୁଧର ଭୋଇ, ପୁରାତନ ଛାତ୍ରୀ କମିଟିର ସଭାପତି ସବିତା ମହାପାତ୍ର, କେଳୁଚରଣ ବେହେରା, ଅରୁଣ କୁମାର ସାହୁ, ଅଂଚଳର ବହୁ ବୁଦ୍ଧିଜିବି, ଅବିଭାବକ, ଗ୍ରାମ ପଂଚାୟତର ନ୍ୟାୟବ ସରପଂଚଙ୍କ ସହିତ ସମସ୍ତ ୱାର୍ଡର ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray